## ଦିଲ୍ଲୀରେ ଓଡ଼ିଆ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ପାଣିକୋଇଲି,(ଡି.ଏନ.ଏ.): ପାଣିକୋଇଲି ଥାନା ମାଳଆନନ୍ଦପୁର ପଞ୍ଚାୟତ ସଠିପୁର ଗ୍ରାମର କେଶବ ସ୍ୱାଇଁଙ୍କ ସାନ ପୁଅ ସରୋଜଙ୍କ ଦିଲ୍ଲୀରେ ଶୁକ୍ରବାର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ସରୋଜଙ୍କ ଏକ କନ୍ୟା ସନ୍ତାନ ରହିଛି। ସେ ଦିଲ୍ଲୀରେ ରହୁଥିବା ଭଡ଼ା ଘରୁ ତାଙ୍କର ଝୁଲନ୍ତା ମୃତଦେହ ମିଳିଛି। ଯାହାକୁ ପରିବାର ଲୋକ ଗ୍ରହଣ କରିପାରୁ ନାହାନ୍ତି। ଅନ୍ୟପକ୍ଷରେ ଏହି ଖବର ପ୍ରଚାରିତ ହେବା ମାତ୍ରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସରକାରଙ୍କ ପାଇଁ ଏନ୍‌ଜିଟି ଅଡୁଆ

**ଖରସ୍ରୋତା ନଦୀରୁ ଭଦ୍ରକକୁ ପାଣି ଦେବା ବିବାଦ**

- ୪ ସପ୍ତାହ ମଧ୍ୟରେ ରାଜ୍ୟ ସରକାର ଦେବେ ରିପୋର୍ଟ
- ୧୪୪ ଧାରା ହଟିବ, ଆନ୍ଦୋଳନ ତେଜୁଛି

କେନ୍ଦ୍ରାପଡ଼ା ଅଫିସ, ୯।୧୦

କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ରାଜକନିକା ବ୍ଲକ ବରୁଣାଡିହା, ବାଳକାଟି ଓ ଭାରିଗଦା ପଞ୍ଚାୟତରେ ଦୀର୍ଘ ଦୁଇମାସ ତଳେ ଜାରି କରାଯାଇଥିବା ସିଆର୍‌ପିସି ଧାରା ୧୪୪ ରବିବାର ହଟିବ। ଖରସ୍ରୋତା ନଦୀରୁ ଭଦ୍ରକ ଜିଲାକୁ ପାଣି ଦେବା ବିବାଦରେ ଏହି କଟକଣା ଲାଗୁ ହୋଇଥିଲା। ତେବେ ଏହି ମେଗା ପାନୀୟ ଜଳ ପ୍ରକଳ୍ପର ଭାଗ୍ୟ ଅନିଶ୍ଚିତତା ଆଡକୁ ଗତି କରୁଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆନ୍ଦୋଳନ ତେଜୁଥିବାବେଳେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଆଦେଶ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପାଇଁ ଏବେ ଅଡୁଆ ସୃଷ୍ଟି କରିଛି।

ମେଗା ପାନୀୟ ଜଳ ପ୍ରକଳ୍ପର ବିଶୋଧନାଗାର ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ନୂଆହାଟଠାରେ ନିର୍ମାଣ ହେଉଛି। ସେହିପରି ରାଜକନିକା ବରୁଣାଡିହା ନିକଟ ଖରସ୍ରୋତା ନଦୀରୁ ଏହି ପ୍ରକଳ୍ପ ପାଇଁ ଏକ ଠିକା ସଂସ୍ଥା ନିର୍ମାଣ କାର୍ଯ୍ୟ କରୁଛି। ଏହି ପ୍ରକଳ୍ପର ନୂଆହାଟ ଓ ବରୁଣାଡିହା ସ୍ଥାନଗୁଡିକ ଭିତରକନିକା ଇକୋ ସେନ୍ସିଟିଭ ଜୋନରେ ରହିଛି। ଏଥିପାଇଁ ଆବଶ୍ୟକ ପରିବେଶ ମଞ୍ଜୁରୀ ନ ଥିବା ଦର୍ଶାଇ କେନ୍ଦ୍ରାପଡ଼ା ସହରସ୍ଥ ଖଡିଅଙ୍କର କ୍ଷିତୀଶ କୁମାର ସିଂହ ଆଇନଜୀବୀ ଅଂଶୁମାନ ମହାନ୍ତିଙ୍କ ମାଧ୍ୟମରେ ଏନ୍‌ଜିଟିରେ ସେପ୍ଟେମ୍ବରରେ ଏକ ଅଭିଯୋଗପତ୍ର ଦାଖଲ କରିଥିଲେ। ଏଥିରେ ସେ ଦର୍ଶାଇଥିଲେ, ପ୍ରକଳ୍ପର ସାମାଜିକ ଓ ପରିବେଶ ପ୍ରଭାବ ପାଇଁ ଆଇଆଇଟି ହାଇଦ୍ରାବାଦର ପ୍ରଫେସର ଡ. ଶଶୀଧରଙ୍କ ରିପୋର୍ଟକୁ ଆଧାର କରାଯାଇଛି। ତେବେ ଆଇଆଇଟି ହାଇଦ୍ରାବାଦର ସିଭିଲ ଇଞ୍ଜିନିୟରିଂ ବିଭାଗରେ ଥିବା ପ୍ରଫେସର ଡ. ଶଶୀଧର ସ୍ଥାନୀୟ ରାଜକନିକା ଅଞ୍ଚଳର ରାକେଶ ମହାନ୍ତିଙ୍କୁ ପ୍ରକଳ୍ପର ସାମାଜିକ ଓ ପରିବେଶ ପ୍ରଭାବ ସମ୍ପର୍କରେ କୌଣସି ଅନୁଧ୍ୟାନ ନିଜେ କିମ୍ବା କାହା ମାଧ୍ୟମରେ କରାଇନାହାନ୍ତି। ଏହି ରିପୋର୍ଟଟି ସେକେଣ୍ଡାରି ଡାଟା ଉପରେ ଆଧାରିତ ବୋଲି ଡ. ଶଶୀଧର ଇ'ମେଲ ଯୋଗେ ଜଣାଇଛନ୍ତି।

ଏ ସମ୍ପର୍କରେ ଏନ୍‌ଜିଟିର ଜଷ୍ଟିସ ବି. ଅମିତ ସ୍ଥଲେକର, ଜୁଡିସିଆଲ ମେମ୍ବର ତଥା ବିଶେଷଜ୍ଞ ଶୈବାଳ ଦାସଗୁପ୍ତ ଗତ ୪ ତାରିଖରେ ଏହାର ଶୁଣାଣି କରିଛନ୍ତି। ଆସନ୍ତା ୪ ସପ୍ତାହ ମଧ୍ୟରେ କେନ୍ଦ୍ର ସରକାରଙ୍କ ପର୍ଯ୍ୟାବରଣ ବିଭାଗ ସଚିବ, ରାଜ୍ୟ ସରକାରଙ୍କ ମୁଖ୍ୟ ସଚିବ, କେନ୍ଦ୍ରାପଡ଼ା ଜିଲାପାଳ, ଭଦ୍ରକ ଜିଲାପାଳ, ରାଜ୍ୟ ସରକାରଙ୍କ ୱାଟର ରିସୋର୍ସ ପ୍ରମୁଖ ସଚିବ ଓ ୱାଇଲ୍ଡ ଲାଇଫର ପିସିସିଏଫ୍‌ଙ୍କୁ ପ୍ରକଳ୍ପ ସମ୍ପର୍କରେ ସବିଶେଷ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସଞ୍ଜୟ ବେହୁରାଙ୍କ ପୂର୍ବରୁ ହୋଇଥିବା ଏନ୍‌ଜିଟି କେସ୍ ନଂ.୨୩/୨୦୨୦ରେ ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ପ୍ରମୁଖ ସଚିବଙ୍କ ସତ୍ୟପାଠ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି।

ଏ ସମ୍ପର୍କରେ ଜିଲା ଜନ ଅଧିକାର ଅଭିଯାନର ସଭାପତି ଭୁବନ ମୋହନ ଜେନା, ପରିବେଶବିତ୍ ଡ. ପ୍ରଦୀପ କୁମାର ତରାଇ ଏବଂ ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ପ୍ରକଳ୍ପ କେବଳ ଭିତରକନିକାର ଜୈବ ବିବିଧତା ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିନାହିଁ। ଏଥିସହ ସ୍ଥାନୀୟ ଅଞ୍ଚଳର ଜୀବନ ଜୀବିକା ଉପରେ ବିପଦ ଆଣିଛି। ଦୁଇବର୍ଷ ହେବ ସ୍ଥାନୀୟ ଅଞ୍ଚଳରେ ପ୍ରକଳ୍ପକୁ ତୀବ୍ର ବିରୋଧ ହେଉଛି। ପରିବେଶବିତ୍ ତଥା ଭିତରକନିକା ମନିଟରିଂ ଜୋନ କମିଟି ସଦସ୍ୟ ଶ୍ରୀକାନ୍ତ ନାୟକ ଦୀର୍ଘ ୨୨ ଦିନ ଧରି ଅନଶନ କରିଥିବା ବେଳେ ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ଅଦ୍ୟାବଧି ଆନ୍ଦୋଳନ ଜାରି ରହିଛି। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଆଇଆଇଟି ହାଇଦ୍ରାବାଦରୁ ପରିବେଶ ଓ ସାମାଜିକ ପ୍ରଭାବ ଅନୁଧ୍ୟାନ ରିପୋର୍ଟକୁ ଉପସ୍ଥାପିତ କରିଛନ୍ତି। ଏପରି କି ସଞ୍ଜୟଙ୍କ ଏନ୍‌ଜିଟି କେସ୍‌ରେ ଏ ନେଇ ୱାଟର ରିସୋର୍ସ ବିଭାଗ ପ୍ରମୁଖ ସଚିବ ଅନୁ ଗର୍ଗ ଏହି ରିପୋର୍ଟକୁ ଆଧାରକରି ସତ୍ୟପାଠ କରିଛନ୍ତି। ତେବେ ସୂଚନା ଅଧିକାର ଆଇନ ବଳରେ ତାଳସଙ୍ଗା ଗାଁର ପ୍ରତାପ କୁମାର ମହାନ୍ତି ପାଇଥିବା ତଥ୍ୟରେ ଏପରି ଅନୁଧ୍ୟାନ ପାଇଁ ରାଜ୍ୟ ସରକାର ଅନୁରୋଧ କରି ନ ଥିବା ଓ ପ୍ରକଳ୍ପ ପାଇଁ ଆଇଆଇଟି ହାଇଦ୍ରାବାଦ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇ ନ ଥିବା ଦର୍ଶାଯାଇଛି। ମିଥ୍ୟା ରିପୋର୍ଟ ଉପରେ ପର୍ଯ୍ୟବସିତ ଏହି ପ୍ରକଳ୍ପକୁ ତୁରନ୍ତ ବନ୍ଦ ପାଇଁ ସେମାନେ ଦାବି କରିଛନ୍ତି।

**ସଂକ୍ଷେପରେ**

## ଭୂତମୁଣ୍ଡାଇ ପାଖ ମହାନଦୀରେ କୁମ୍ଭୀର ଫଟୋ, ଭିଡିଓ ଭାଇରା



ପାରାଦୀପ,୯।୧୦(ସ୍ୱ.ପ୍ର.): ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାକୁ ସଂଯୋଗ କରୁଥିବା ଭୂତମୁଣ୍ଡାଇ ମହାନଦୀ ପୋଲ ତଳେ ଶନିବାର ଏକ କୁମ୍ଭୀର ବୁଲୁଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି। ଏ ସମ୍ପର୍କିତ ଏକ ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏ ବିଷୟରେ କୁଜଙ୍ଗ ବନାଞ୍ଚଳ ରେଞ୍ଜର ରଞ୍ଜନ ମିଶ୍ର, ଭୂତମୁଣ୍ଡାଇ ପୋଲ ତଳେ କୁମ୍ଭୀର ବୁଲିବା ସମ୍ପର୍କରେ ସେ ମଧ୍ୟ ଶୁଣିଛନ୍ତି। ତେବେ ଉକ୍ତ ଅଞ୍ଚଳ ତାଙ୍କ ରେଞ୍ଜରେ ଆସୁନାହିଁ ବୋଲି ମିଶ୍ର କହିଛନ୍ତି। କିଛି ଦିନ ତଳେ ବର୍ଷାଜଳ ଚାରିଆଡେ ବୁଡିଯାଇଥିଲା। ସେତେବେଳେ କୁମ୍ଭୀରଟି ମହାନଦୀକୁ ଆସି ଥାଇ ପାରେ ବୋଲି ଆଲୋଚନା ହେଉଛି।

## କ୍ଲବସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ

ପାରାଦୀପ,୯।୧୦(ସ୍ୱ.ପ୍ର.): ପାରାଦୀପ ବନ୍ଦର ଗୋପବନ୍ଧୁ କ୍ରୀଡା ସଂସଦ ପକ୍ଷରୁ ଶନିବାର ୨ ଦିନିଆ ୭ମ ପାରାଦୀପ ମର୍ନିଂ କ୍ଲବ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏଥିରେ ୪ଟି କ୍ଲବ ଭାଗ ନେଇଛନ୍ତି। ସେଗୁଡିକ ହେଲା ମର୍ନିଂ ଇଷ୍ଟ, ୱେଷ୍ଟ, ନର୍ଥ ଓ ସାଉଥ। ଉଦ୍‌ଘାଟନୀ ମ୍ୟାଚ ନର୍ଥ ଓ ୱେଷ୍ଟ ମଧ୍ୟରେ ହୋଇଥିଲା। ଏଥିରେ ନର୍ଥ କ୍ଲବ ୩-୨ଗୋଲରେ ବିଜୟୀ ହୋଇଛି। ଏହାକୁ ବନ୍ଦର ଅର୍ଥ ପରାମର୍ଶ ଅଧିକାରୀ ତଥା କ୍ରୀଡା ସଂସଦ ସଭାପତି ଧର୍ମେନ୍ଦ୍ର ନାଥ ସୋଣ୍ଡି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଂରକ୍ଷକ ଅଲେଖ ଚନ୍ଦ୍ର ସାହୁ, ଡା. ଦୁର୍ଗାପ୍ରସାଦ ସେଠୀ, ବବଲୁ ସିକଦାର୍, ପ୍ରମୁଖ ଉପସ୍ଥିତ ଥିଲେ।

## ଇଫ୍‌କୋକୁ କଳିଙ୍ଗ ଏନ୍‌ଭାଇରନ୍‌ମେଣ୍ଟ ଏକ୍ସିଲେନ ଆୱାର୍ଡ




ପାରାଦୀପ,୯।୧୦(ସ୍ୱ.ପ୍ର.): ପାରାଦୀପରେ ଥିବା ଇଫକୋ ସାର କାରଖାନାକୁ ଶନିବାର କଳିଙ୍ଗ ଏନ୍‌ଭାଇରନ୍‌ମେଣ୍ଟ ଏକ୍ସିଲେନ୍ସ ଆୱାର୍ଡ (୫ଷ୍ଟାର)ମିଳିଛି। ଭୁବନେଶ୍ୱରରେ ଇନଷ୍ଟିଚ୍ୟୁଟ ଅଫ କ୍ୱାଲିଟି ଆଣ୍ଡ ଏନ୍‌ଭାଇରନମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହା ପ୍ରଦାନ କରାଯାଇଛି। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଠାରୁ କମ୍ପାନୀର ସେଫ୍ଟି ଅଫିସର ଆର.କେ.ପାଣ୍ଡେ ଟ୍ରଫି ଓ ମାନପତ୍ର ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ କେ ମୁର୍ଗୁସେନ ଉପସ୍ଥିତ ଥିଲେ। ପରିବେଶ ସନ୍ତୁଳନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ବ୍ୟାପକ ସବୁଜବଳୟ ପାଇଁ ଏହା ପ୍ରଦାନ କରାଯାଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ନଡ଼ିଆ ବିକ୍ରିରେ ସ୍ୱାବଲମ୍ବୀ ହେବ କେନ୍ଦ୍ରାପଡ଼ା

କେନ୍ଦ୍ରାପଡ଼ା ଅଫିସ,୯।୧୦: କେନ୍ଦ୍ରାପଡ଼ା ଜିଲା ନଡ଼ିଆ ଯୋଗାଣରେ ସ୍ୱାବଲମ୍ବୀ ହେବ। ଏପରି ଆଭିମୁଖ୍ୟ ନେଇ ରାଜକନିକା ବ୍ଲକସ୍ଥ ହଳଧର କୃଷକ ଉତ୍ପାଦକ ସଂଘ ଓ ଖରସ୍ରୋତା କୃଷକ ଉତ୍ପାଦକ ସଂଘ ପ୍ରଥମ ଥର ପାଇଁ ୧୩ ହଜାର ନଡ଼ିଆ ସଂଗ୍ରହ କରି ରାଜ୍ୟ ବାହାରକୁ ଶନିବାର ପଠାଇଛନ୍ତି। କେନ୍ଦ୍ରାପଡ଼ା ବ୍ଲକ ଜମଧରସ୍ଥିତ ଜାତୀୟ କୃଷକ ବଜାରରୁ ରାଜସ୍ଥାନର ମୋହଣା, ଦିଲ୍ଲୀର ଆଜାଦନଗର, ଉତ୍ତରପ୍ରଦେଶର ଆଗ୍ରାକୁ ନଡ଼ିଆ ବୋଝେଇ ଟ୍ରକ ଯାତ୍ରା କରିଛି। ଏ ସମ୍ପର୍କରେ କୃଷକ ଉତ୍ପାଦକ ସଂଘର ନିର୍ଦ୍ଦେଶକ ସନ୍ତୋଷ ପରିଡା କହିଛନ୍ତି, ଜିଲାରେ ଉପଯୁକ୍ତ ପରିବେଶ ଥିବାରୁ ଗାଁରେ ନଡ଼ିଆ ଉତ୍ପାଦନ ଅଧିକ ହେଉଛି। ମଣ୍ଡି ଓ ନଡ଼ିଆ ଶିଳ୍ପ ନ ଥିବାରୁ ଏହାର ଅଭାବୀ ବିକ୍ରି ହେଉଛି। ଏହାକୁ ଦୃଷ୍ଟିରେ ରଖି ଚାଷୀଙ୍କଠାରୁ ସ୍ୱାଭାବିକ ଦରଠାରୁ ଅଧିକ ଦୁଇ ଟଙ୍କା ଅଧିକ ଦେଇ କ୍ରୟ କରାଯାଇ ବାହାରକୁ ପଠାଯାଉଛି। ଏହି ନଡିଆ ବୋଝେଇ ଟ୍ରକକୁ ଜାତୀୟ କୃଷି ବଜାର ନିକଟରେ ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ କନ୍ଦ ଜେନା, ଆରଏମ୍‌ସିର ସମ୍ପାଦକ ଅଜୟ କୁମାର ରାଉତ ଶୁଭାରମ୍ଭ କରିଛନ୍ତି। ଉତ୍ପାଦକ ସଂଘର ନିର୍ଦ୍ଦେଶକ ସୋନୋଶିଷ ଜେନା, ଦୀପକ ପ୍ରଧାନ, ବିଶ୍ୱଜିତ ପରିଡା ପ୍ରମୁଖ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।




ପଟ୍ଟାମୁଣ୍ଡାଇ କଲେଜରେ ନାକ୍ ଟିମ୍ ସଦସ୍ୟଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ପଟ୍ଟାମୁଣ୍ଡାଇ କଲେଜରୁ ବାହୁଡ଼ିଲେ ନାକ୍ ଟିମ୍

**ମୁଦା ଲଫାପାରେ ଭାଗ୍ୟ, ଆଲୁମ୍ନି ଆସୋସିଏଶନକୁ ପ୍ରଶଂସା**

ପଟ୍ଟାମୁଣ୍ଡାଇ, ୯।୧୦(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ କଲେଜକୁ ଦୁଇ ଦିନିଆ ଗସ୍ତରେ ଆସିଥିବା ଜାତୀୟ ମୂଲ୍ୟାୟନ ଓ ମାନ୍ୟତାପ୍ରାପ୍ତ ପରିଷଦ (ନାକ୍) ଟିମ୍ ଶନିବାର ବିଦାୟ ନେଇଛନ୍ତି। ଅପରାହ୍ନରେ ନାକ୍ ଟିମ୍‌ର ୩ ଜଣିଆ କମିଟିର ଅଧ୍ୟକ୍ଷ ଡ. ସୁନୀଲ ଗୁପ୍ତା ପରିଦର୍ଶନର ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଥିଲେ। କଲେଜର ଅଧ୍ୟକ୍ଷ ପ୍ରଫେସର ପ୍ରଭାକର ରାଉତ ଅତିଥିମାନଙ୍କ ଉଦ୍ଦେଶ୍ୟରେ ବିଦାୟ ସମ୍ବର୍ଦ୍ଧନା ବକ୍ତବ୍ୟ ରଖିଥିଲେ। ପରିଦର୍ଶନ ଟିମ୍ ସହ କଲେଜର ସମସ୍ତ ସହଭାଗୀ ଅଂଶୀଦାରମାନଙ୍କୁ ଆଇକ୍ୟୁଏସିର କଲେଜ ସଂଯୋଜକ ଡ. ଦୁଃଶାସନ ପରିଡା କୃତଜ୍ଞତା ଜଣାଇଥିଲେ। ନାକ୍ ଟିମ୍ ପରିଦର୍ଶନର ଏକ ରିପୋର୍ଟ ମୁଦା ଲଫାପାରେ କଲେଜ ଅଧ୍ୟକ୍ଷ ରାଉତଙ୍କୁ ଟିମ୍‌ର ଅଧ୍ୟକ୍ଷ ଡ. ଗୁପ୍ତା ଅର୍ପଣ କରି ଆଲୁମ୍ନି ଆସୋସିଏଶନକୁ ପ୍ରଶଂସା କରିଥିଲେ। ଗତ ୨୦୦୬ ଠାରୁ କଲେଜକୁ ନାକ ସ୍ୱୀକୃତି ମିଳି ନ ଥିବାବେଳେ ୧୫ବର୍ଷ ପରେ ନାକ୍ ଟିମ୍‌ର ପରିଦର୍ଶନ କଲେଜ କର୍ତ୍ତୃପକ୍ଷଙ୍କୁ ବେଶ ଉତ୍ସାହିତ କରିଛି। ତେବେ ସପ୍ତାହ ପରେ ନାକ୍ ଟିମ୍‌ର ନିର୍ଦ୍ଦେଶ ଆସିଲେ ଏହି ବନ୍ଦ ଲଫାପା ଖୋଲାଯିବ। ପରେ କଲେଜକୁ ମିଳିଥିବା ମାନ୍ୟତା ସମ୍ପର୍କରେ ପ୍ରକୃତ କଥା ଜଣାପଡିବ ବୋଲି ଅଧ୍ୟକ୍ଷ ରାଉତ ପ୍ରକାଶ କରିଛନ୍ତି। ନାକ୍ ଟିମ୍ ପରିଦର୍ଶନର ୨ୟ ଦିନ କାର୍ଯ୍ୟକ୍ରମରେ ଆତ୍ମ ଅଧ୍ୟୟନ ବିବରଣୀ (ଏସ୍.ଏସ୍.ଆର୍) ପ୍ରଦାନ କରିଥିବା ପ୍ରାକ୍ତନ ଅଧ୍ୟକ୍ଷ ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶ, ପ୍ରାକ୍ତନ ଅଧ୍ୟକ୍ଷ ଦେବବ୍ରତ ପ୍ରଧାନ ଓ ରମେଶ ଚନ୍ଦ୍ର ଜେନା ତଥା ନାକ୍ ପ୍ରକ୍ରିୟା ସହ ସଂଶ୍ଳିଷ୍ଟ ପ୍ରାକ୍ତନ ଇଂଲିଶ ଅଧ୍ୟାପକ ଦୁର୍ଯ୍ୟୋଧନ ପରିଡା, ଆଲୁମ୍ନି ଆସୋସିଏଶନର ସମ୍ପାଦକ ଗୋପୀନାଥ ତ୍ରିପାଠୀ, ଉପସଭାପତି ରାଜେନ୍ଦ୍ର ଦାଶ, କୋଷାଧ୍ୟକ୍ଷ କିଶୋର ସ୍ୱାଇଁ, ଉପଦେଷ୍ଟା କସ୍ତୁରୀ ଚରଣ ସ୍ୱାଇଁ, କଲେଜର ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ରହି ନାକ୍ ଟିମ୍‌କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ।

# କାରଣ ଦର୍ଶାଅ ନୋଟିସ ବେଆଇନ

କୁଜଙ୍ଗ,୯।୧୦ (ଡି.ଏନ୍.ଏ.)

ସରକାରୀ କାର୍ଯ୍ୟରେ ବାଧା, ଗାଡି ଅଟକାଇବା, ସଚେତନତା କାର୍ଯ୍ୟକ୍ରମକୁ ଭଣ୍ଡୁର କରାଇବା ଆଦି ଅଭିଯୋଗ କରି ପଞ୍ଚାୟତିରାଜ, ପାନୀୟ ଜଳ ବିଭାଗ ପକ୍ଷରୁ ୨୯ ସେପ୍ଟେମ୍ବରରେ ଢିଙ୍କିଆ ପଞ୍ଚାୟତର ସମିତିସଭ୍ୟ ଦେବେନ୍ଦ୍ର ସ୍ୱାଇଁଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଏହି ନୋଟିସକୁ ବେଆଇନ, ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ପଞ୍ଚାୟତବାସୀଙ୍କ ପକ୍ଷରୁ ଶନିବାର ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି।

ଢିଙ୍କିଆ ଫୁଲଖାଇ ମନ୍ଦିର ପ୍ରାଙ୍ଗଣରେ ନିତ୍ୟାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଶ୍ରମିକ ନେତା ନିର୍ଭୟ ସାମନ୍ତରାୟ କହିଥିଲେ, ଯଦି ସ୍ୱାଇଁ ସରକାରୀ କାର୍ଯ୍ୟକୁ ବିରୋଧ କରୁଥିଲେ ତେବେ ସରକାର ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ୪ବର୍ଷ ୮ ମାସ କାହିଁକି ନୀରବ ଥିଲେ। ସେ କହିଥିଲେ, ସ୍ୱାଇଁ ସମିତି ସଭ୍ୟ ହେବା ପରେ ପଞ୍ଚାୟତରେ ସର୍ବାଧିକ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି। ଜଙ୍ଗଲ ଜମି ଅଧିକାର ପାଇଁ ଲୋକଙ୍କ ପକ୍ଷରୁ ସେ ଆନ୍ଦୋଳନ କରୁଥିବାରୁ ପ୍ରଶାସନ ତାଙ୍କ ବିରୋଧରେ ମସୁଧା କରୁଛି। ଆନ୍ଦୋଳନକାରୀଙ୍କ ବିରୋଧରେ ମିଥ୍ୟା ମକଦ୍ଦମା କରି ହଇରାଣ କରୁଛି। ଯଦି ସରକାର ଏହି କାରଣ ଦର୍ଶାଅ ଓ ନୋଟିସ ପ୍ରତ୍ୟାହାର ନ କରନ୍ତି ଆଗାମୀ ଦିନରେ ବହୁମୂଲ୍ୟ ଦେବାକୁ ପଡିବ ବୋଲି ଖବରଦାତା ସମ୍ମିଳନୀରେ ଉପସ୍ଥିତ ପୂର୍ବତନ ସମିତି ସଭ୍ୟ ସଞ୍ଜୟ ବେହେରା, ପ୍ରକାଶ ଜେନା, ଅକ୍ଷୟ ଦାସ, ନୃସିଂହ ରାଉତ, ଶାନ୍ତି ସେଠୀ ଓ ଶାନ୍ତି ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ଧର୍ମଶାଳା ବିଜେଡିର ମିଶ୍ରଣ ପର୍ବ

ଧର୍ମଶାଳା,୯।୧୦(ଡି.ଏନ.ଏ.)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ଧର୍ମଶାଳା ନିର୍ବାଚନମଣ୍ଡଳୀର ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପରିଡ଼ାଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତର କର୍ମୀ ଧର୍ମଶାଳା ମହାବିଦ୍ୟାଳୟ ନିକଟରୁ ଶୋଭାଯାତ୍ରାରେ ଆସି କଳ୍ପତରୁ ଦାସ ଷ୍ଟାଡିୟମରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ। ବିରୁପାକ୍ଷ ବେହେରା, ଦଶରଥ ଖିଲାର, ପ୍ରଭଞ୍ଜନ ମହାନ୍ତି, ମାନସ ମହାନ୍ତି, ମିର୍ଜାପୁର ସମିତିସଭ୍ୟା ଧରିତ୍ରୀ ସାମଲ, ସଂଗ୍ରାମ ସାମଲ, ମଧୁପୁରଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଶେଖର ଜେନାମଣି, ମହେନ୍ଦ୍ର ପଣ୍ଡା, ଆଶିଷ ବଳ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଶତାଧିକ ଭାଜପା କର୍ମୀଙ୍କୁ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଦଳୀୟ ଉତ୍ତରୀୟ ପ୍ରଦାନ କରି ଦଳରେ ସାମିଲ କରାଇଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ବ୍ଲକ ସଭାପତି ଜଳଧର ମହାନ୍ତି, ରସୁଲପୁର ବ୍ଲକ ସଭାପତି ଅରୁଣ ରାଉତ, ଡ. ପ୍ରିୟନାଥ ମହାପାତ୍ର, ଦୁଃଶାସନ ସାହୁ, ଜଳଧର ସାହୁ, ବିଶ୍ୱବନ୍ଦନା ଜେନା, କ୍ଷୀରାବ୍ଦୀ ତନୟା ମଲ୍ଲିକ ଓ ସମସ୍ତ ପଞ୍ଚାୟତର କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।



ବିଧାୟକ ଦଳୀୟ ଉତ୍ତରୀୟ ଦେଇ ଯୋଗ ଦେଇଥିବା କର୍ମୀଙ୍କୁ ସ୍ୱାଗତ ଜଣାଉଛନ୍ତି।

# ବଧୂହତ୍ୟା ଅଭିଯୋଗ: ସ୍ୱାମୀ, ଶାଶୁ ଗିରଫ

ଏରସମା,୯।୧୦(ସ୍ୱ.ପ୍ର.)

ଏରସମା ଥାନା କେନ୍ଦୁରିଶାଳ ଗାଁରେ ଶନିବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ କୁଜଙ୍ଗ ଥାନା ବାଣସରା ଗାଁର ଧ୍ରୁବ ଚରଣ ମହାପାତ୍ରଙ୍କ ଝିଅ କୌଶଲ୍ୟା(୩୦)। ଯୌତୁକ ପାଇଁ ତାଙ୍କୁ ହତ୍ୟା କରାଯାଇ ଆତ୍ମହତ୍ୟା ରୂପ ଦିଆଯାଇଛି ବୋଲି ଧ୍ରୁବ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ଅଭିଯୁକ୍ତ ସ୍ୱାମୀ ବିକ୍ରମ ଦାସ ଓ ଶାଶୁ କ୍ଷେତ୍ରମଣୀଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ମାମଲା (ନଂ. ୨୩୭/୨୧) ରୁଜୁ ହୋଇଛି। କୌଶଲ୍ୟାଙ୍କ ସହ ୫ ବର୍ଷ ତଳେ କେନ୍ଦୁରିଶାଳ ଗ୍ରାମର ବିକ୍ରମଙ୍କ ବୈଦିକ ରୀତିରେ ବିବାହ ହୋଇଥିଲା। ଏହି ସମୟରେ ବରଘର ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ବିବାହର କିଛିଦିନ ପରେ ଶାଶୁ ଘର ଲେକେ ଅଧିକ ଯୌତୁକ ଦାବି କରି କୌଶଲ୍ୟାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥଲେ । ଏନେଇ ଝିଅ ଶାଶୁ ଘର ଲୋକଙ୍କ ଦାବି ମୁତାବକ ପରେ ଅଧିକ ଯୌତୁକ ଧ୍ରୁବ ଦେଇଥିଲେ। ଏହାସତ୍ତ୍ୱେ ଶୁକ୍ରବାର ରାତିରେ ଝିଅକୁ ହତ୍ୟା କରି ଶାଶୁଘର ଲୋକେ ଫ୍ୟାନରେ ଝୁଲାଇଦେଇଛନ୍ତି ବୋଲି ମୃତକଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଥାନା ଆଇଆଇସି ଲିଜାରାଣୀ ବିଶ୍ୱାଳ କହିଛନ୍ତି, ମୃତଦେହ ଜବତ ପରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ।

# ସଚେତନତା ହିଁ କରୋନା ବିପଦକୁ ଟାଳିବ

କେନ୍ଦ୍ରାପଡ଼ା ଅଫିସ, ୯।୧୦

କରୋନା ସଂକ୍ରମଣ ଜୀବନ ଓ ଜୀବିକା ପ୍ରତି ବିପଦ ସାଜିଛି। ସଂକ୍ରମଣ ଗ୍ରାଫ ଉପର ତଳ ହେଉଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ଆୟତାଧୀନ ହୋଇନାହିଁ। ଲୋକଙ୍କୁ ସଚେତନତା ଦ୍ୱାରା ଏହି ବିପଦ ଟାଳି ହେବ ବୋଲି କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଏନ୍‌ସିସି ଆଲୁମ୍ନି ଆସୋସିଏଶନ ପକ୍ଷରୁ ଆୟୋଜିତ ରାଲିରେ କୁହାଯାଇଛି। ଆଲୁମ୍ନି ପକ୍ଷରୁ ରାଲି ଶୁକ୍ରବାର ହୋଇଥିଲା। ମହାବିଦ୍ୟାଳୟ ପରିସରରୁ ବାହାରି ସହର ପରିକ୍ରମା କରିଥିଲା। ଏ ସମ୍ପର୍କରେ ଆସୋସିଏଶନ ସମ୍ପାଦକ ଚିନ୍ମୟ କୁମାର ବିଶ୍ୱାଳ କହିଛନ୍ତି, କରୋନା ସଂକ୍ରମଣର ଭୟାବହତା ଦେଢ଼ବର୍ଷ ଧରି ଜିଲାରେ ପ୍ରଭାବ ବିସ୍ତାର କରିଛି। ଇତିମଧ୍ୟରେ କରୋନା ଜିଲାରୁ ୨୪୮ଙ୍କ ଜୀବନ ନେଇଛି। ଏବେ ସୁଦ୍ଧା ୬୭ ଜଣ ଚିକିତ୍ସିତ ହେଉଛନ୍ତି। ଏହାସତ୍ତ୍ୱେ କୋଭିଡ-୧୯ର ଏସ୍‌ଓପି ଦୁଇ ଗଜ ଦୂରତା, ମାସ୍କ ପିନ୍ଧିବା, ହାତ ଧୋଇବା ଆଦିକୁ ଗୁରୁତ୍ୱ ଦିଆଯାଉନାହିଁ। ଏହାକୁ ଦୃଷ୍ଟିରେ ରଖି ଆସୋସିଏଶନ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏହାକୁ ଉପାଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ଲେଫ୍‌ଟନାଣ୍ଟ ସୀମା ମହାନ୍ତି, ଶ୍ରୀକାନ୍ତ ପୋଥାଳ, ମହମ୍ମଦ ସାଜିଦ ଖାଁ ପ୍ରମୁଖ ରାଲିର ନେତୃତ୍ୱ ନେଇଥିଲେ। ଏଥିରେ ୫୦ରୁଅଧିକ କ୍ୟାଡେଟ ଯୋଗ ଦେଇଥିଲେ।




କେନ୍ଦ୍ରାପଡ଼ା କଲେଜରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

# ୨୬ ଜୋନ୍‌ରୁ ୧୩ ମହିଳାଙ୍କ ପାଇଁ ସଂରକ୍ଷିତ

**ଜଗତ୍‌ସିଂହପୁର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସଂରକ୍ଷଣ ଚିଠା**

ଜଗତ୍‌ସିଂହପୁର ଅଫିସ୍, ୯।୧୦

୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଜଗତ୍‌ସିଂହପୁର ଜିଲାରେ ଚିଠା ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ଏହି ତାଲିକାରେ ୱାର୍ଡ ସଭ୍ୟଠାରୁ ଆରମ୍ଭ କରି ସରପଞ୍ଚ, ସମିତି ସଭ୍ୟ, ବ୍ଲକ ଅଧ୍ୟକ୍ଷ ଓ ଜିଲା ପରିଷଦ ପଦବୀରେ ୫୦% ସଂରକ୍ଷଣ ବ୍ୟବସ୍ଥା ହୋଇଛି। ଆପତ୍ତି ଅଭିଯୋଗ ଥିଲେ ଆସନ୍ତା ୧୮।୧୦।୨୦୨୧ ତାରିଖ ଅପରାହ୍ନ ୫ଟା ସୁଦ୍ଧା ଜିଲା ପଞ୍ଚାୟତ କାର୍ଯ୍ୟାଳୟରେ ଦାଖଲ କରିବାକୁ କୁହାଯାଇଛି। ଜିଲା ପରିଷଦ ସଭାପତି ପଦ ପାଇଁ ଚୂଡାନ୍ତ ତାଲିକା ୨୬ ଓ ରାଜ୍ୟ ନିର୍ବାଚନ କମିଶନଙ୍କ ସହ ଯୋଗାଯୋଗ ପାଇଁ ୨୯ ତାରିଖ ଧାର୍ଯ୍ୟ କରାଯାଇଛି। ଏସବୁ କାମ ଆସନ୍ତା ୩୦ ତାରିଖ ମଧ୍ୟରେ ସମାପ୍ତ ହେବ। ଜଗତ୍‌ସିଂହପୁର ଜିଲାରେ ୨୬ ଜିଲା ପରିଷଦ ଜୋନ ରହିଛି। ସଂରକ୍ଷଣ ଚିଠା ଅନୁଯାୟୀ ସେଥିରୁ ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ୬ (ମହିଳା ୩), ଅନୁସୂଚିତ ଜନଜାତି ୧ (ମହିଳା), ପଛୁଆବର୍ଗ ୬ (ମହିଳା ୩) ଓ ଅସଂରକ୍ଷିତଙ୍କ ପାଇଁ ୧୩ (ମହିଳା ୬)ଆସନ ରଖାଯାଇଛି।

ଜୋନ ଅନୁଯାୟୀ ଦେଖିଲେ ଏରସମା-୧, ୩ ଓ ୪ନଂ. ଅଣସଂରକ୍ଷିତ ଥିବା ବେଳେ ୨ନଂ. ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ଅଛି। କୁଜଙ୍ଗ-୧ ଓ ୩ନଂ. ଅଣସଂରକ୍ଷିତ ଥିବାବେଳେ ୨ନଂ. ମହିଳା ଓ ୪ ନଂ. ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଜଗତ୍‌ସିଂହପୁର ୧ନଂ. ଓ ୪ନଂ. ଜୋନ ପଛୁଆବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାବେଳେ ୨ନଂ. ମହିଳା, ୩ ନଂ. ଜୋନ ଅନୁସୂଚିତ ଜାତିଙ୍କ ପାଇଁ ରହିଛି। ତିର୍ତ୍ତୋଲ ୧ନଂ. ଜୋନ ମହିଳା, ୨ନଂ. ଅନୁସୂଚିତ ଜାତି ମହିଳା, ୩ନଂ. ଅଣସଂରକ୍ଷିତ, ୪ନଂ. ପଛୁଆବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ନାଉଗାଁ ୧ନଂ. ଅନୁସୂଚିତ ଜାତି, ଓ ୨ନଂ.ପଛୁଆବର୍ଗଙ୍କ ପାଇଁ ସଂରକ୍ଷିତ ଅଛି। ବାଲିକୁଦା ୧ନଂ. ଜୋନ ମହିଳା, ୨ନଂ. ପଛୁଆବର୍ଗ, ୩ ନଂ. ପଛୁଆବର୍ଗ ମହିଳା, ଓ ୪ନଂ. ଅଣସଂରକ୍ଷିତ ରଖାଯାଇଛି। ବିରିଡ଼ି ୧ନଂ. ଓ ୨ନଂ. ମହିଳାଙ୍କ ପାଇଁ ରହିଛି। ରଘୁନାଥପୁର ୧ନଂ. ଜୋନ ଅନୁସୂଚିତ ଜାତି ମହିଳା ଓ ୨ନଂ.ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷଣ ରହିଛି। ଜିଲାର ୮ ବ୍ଲକ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ ପାଇଁ ଅନୁସୂଚିତ ଜାତିଙ୍କ ଲାଗି ୨ (ମହିଳା ୧) ସଂରକ୍ଷଣ କରାଯାଇଛି। ସେହିପରି ପଛୁଆବର୍ଗ ୨ (ମହିଳା ୧) ଓ ଅସଂରକ୍ଷିତଙ୍କ ପାଇଁ ୪ (ମହିଳା ୨) ଅଧ୍ୟକ୍ଷ ପଦବୀ ରହିଛି। ଏରସମା ପଞ୍ଚାୟତ ସମିତି ମହିଳା, କୁଜଙ୍ଗ ଅନୁସୂଚିତ ଜାତି ମହିଳା, ଜଗତ୍‌ସିଂହପୁର ପଛୁଆବର୍ଗ, ତିର୍ତ୍ତୋଲ ଅସଂରକ୍ଷିତ, ନାଉଗାଁ ମହିଳା, ବାଲିକୁଦା ଅସଂରକ୍ଷିତ, ବିରିଡ଼ି ପଛୁଆବର୍ଗ ମହିଳା ଓ ରଘୁନାଥପୁର ଅଧ୍ୟକ୍ଷ ପଦବୀ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷଣ କରାଯାଇଛି।

## ଶ୍ରମିକଙ୍କ ଅସ୍ୱାଭାବିକ ମୃତ୍ୟୁ

ପାରାଦୀପ, ୯।୧୦(ସ୍ୱ.ପ୍ର.)

ପାରାଦୀପ ଜଟାଧାରମୁହାଁଣ ସାମୁଦ୍ରିକ ଥାନା ଅନ୍ତର୍ଗତ ଷଣ୍ଢକୁଦ ବସ୍ତିରେ ସାର ବୋଝେଇ ଖଲାସ କରୁଥିବା ଜଣେ ଶ୍ରମିକଙ୍କ ଶନିବାର ସନ୍ଧ୍ୟାରେ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସେ ହେଲେ ନୃସିଂହ ଜେନା (୪୮)। ତାଙ୍କ ଘର ଲକ୍ଷ୍ମଥାନା ଅନ୍ତର୍ଗତ ସିଙ୍ଗଟାଳି ଗ୍ରାମରେ। ସେ ପିଆଇସିଟି(ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ) ପ୍ରକଳ୍ପରେ ଠିକାଶ୍ରମିକ ଭାବେ କାମ କରୁଥିଲେ। ଶନିବାର ସେକେଣ୍ଡ ସିଫ୍ଟ କାମ କରୁଥିବା ବେଳେ ତାଙ୍କ ମୁଣ୍ଡ ବୁଲେଇ ଥିଲା। ସାଥି ଶ୍ରମିକମାନେ ତାଙ୍କୁ ନିକଟରେ ଥିବା ସାଙ୍ଗ ଘରକୁ ନେଇଯାଇଥିଲେ। ସେଠାରେ ନୃସିଂହ ଗ୍ୟାସ ହେଉଛି ଭାବି ଔଷଧ ଖାଇଥିଲେ। ଏହାପରେ ସେ ସେଠାରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ନେଇ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ନୃସିଂହଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ପୋଲିସରେ ଖବର ଦିଆଯିବା ସହ ଅନ୍ୟ ଶ୍ରମିକ ଓ ମୃତକଙ୍କ ଗ୍ରାମବାସୀ ଡାକ୍ତରଖାନାରେ ପହଞ୍ଚି ପାଟିତୁଣ୍ଡ କରିବା ସହ କ୍ଷତିପୂରଣ ଦାବି କରିଛନ୍ତି। ଉତ୍ତେଜନାମୂଳକ ପରିସ୍ଥିତ ଦେଖି ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଛି।

## ବଡମୋହନପୁର ସରପଞ୍ଚଙ୍କ ସମର୍ଥନରେ କଂଗ୍ରେସ କର୍ମୀଙ୍କ ଇସ୍ତଫା

ପଟ୍ଟାମୁଣ୍ଡାଇ, ୯।୧୦(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ବଡମୋହନପୁର ସରପଞ୍ଚ ରବୀନ୍ଦ୍ର ବେହେରା ପଞ୍ଚାୟତର ବିକାଶ ଓ ସବୁବର୍ଗର ଲୋକଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଶାସକ ଦଳ ବିଧାୟକଙ୍କ ସହଯୋଗ ନେଇଥିଲେ। ମାତ୍ର ଗତ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପ୍ରାର୍ଥୀ ରବୀନ୍ଦ୍ରଙ୍କୁ କଂଗ୍ରେସ ଦଳ ସମର୍ଥନ କରିଥିଲା। ହେଲେ ସେ କ'ଣ ପାଇଁ ଶାସକ ଦଳ ବିଧାୟକଙ୍କ ସହଯୋଗ ନେଲେ ବୋଲି ପଞ୍ଚାୟତ କଂଗ୍ରେସର ସୁପାରିସକ୍ରମେ ବ୍ଲକ କଂଗ୍ରେସ ସଭାପତି ମଳୟ ଦାସ ସରପଞ୍ଚ ରବୀନ୍ଦ୍ରଙ୍କୁ ଦଳରୁ ନିଲମ୍ବନ କରିଥିଲେ। ଦେଲେ ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି ରବୀନ୍ଦ୍ରଙ୍କୁ ନିନ୍ଦିତ କରିବାକୁ କଂଗ୍ରେସ ପକ୍ଷରୁ ନିଲମ୍ବନ କରାଯାଇଥିବା କର୍ମୀମାନେ ଅଭିଯୋଗ କରିଛନ୍ତି। ତାଙ୍କ ସମର୍ଥନରେ ବଡମୋହନପୁର ପଞ୍ଚାୟତର ମୋହନପୁର ଗାଁର ବିଜୟ ମଲିକ, ଶୁକଦେବ ମଲିକ, ଗଣେଶ୍ୱର ମଲିକଙ୍କ ସମେତ ୩୯ ପରିବାର ଓ ଦେଉଳି ଗାଁର ବୀରକିଶୋର ବେହେରା, ସୁବାସ ବେହେରା, ଅଶୋକ ବେହେରା, ପ୍ରଶାନ୍ତ ମିଶ୍ରଙ୍କ ସମେତ ପାଖାପାଖି ୪୭ ପରିବାରର କଂଗ୍ରେସ କର୍ମୀ ଦଳରୁ ଇସ୍ତଫା ଦେଇଛନ୍ତି। ସରପଞ୍ଚଙ୍କ ସମର୍ଥନରେ କଂଗ୍ରେସ କର୍ମୀମାନେ ଇସ୍ତଫା ଦେଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ସଭାପତି ମଳୟ ଦାସ ଏକ ପ୍ରେସ୍ ବିବୃତିରେ କହିଛନ୍ତି, ସରପଞ୍ଚ ରବୀନ୍ଦ୍ରଙ୍କ ସମର୍ଥନରେ ଯେଉଁମାନେ ଇସ୍ତଫା ଦେଇଥିବା କଥା କୁହାଯାଉଛି ସେମାନେ କେହି ଦଳର ପ୍ରାଥମିକ ସଭ୍ୟ ନୁହନ୍ତି।

## ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

ପଟ୍ଟାମୁଣ୍ଡାଇ,୯।୧୦(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଥାନା ନଶିପୁର ଗାଁରେ ଶୁକ୍ରବାର ରାତିରେ ସୁଶାନ୍ତ ପାଣିଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଛି। ଦୁର୍ବୃତ୍ତମାନେ ଘରେ ପ୍ରବେଶ କରି ବାକ୍ସ ତାଡି ସୁନା, ରୁପା ଅଳଙ୍କାର ନେଇ ଯାଇଛନ୍ତି। ଏ ନେଇ ସେ ଥାନାରେ ଏତଲା ଦେବା ପରେ ଆଇଆଇସି ତପନ କୁମାର ରାଉତଙ୍କ ନିର୍ଦ୍ଦେଶରେ ପୋଲିସ ଏକ ମାମଲା ରୁଜୁ କରି ଚୋରି ଘଟଣାର ତଦନ୍ତ ଚଳାଇଛି।

## ଆଲି ବ୍ଲକ ପଞ୍ଚାୟତ ସଂରକ୍ଷଣ ଚିଠା ତାଲିକା ପ୍ରକାଶ

ଆଲି,୯।୧୦(ଡି.ଏନ.ଏ.)

ଆଲି ବ୍ଲକ ୩୪ ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ସଂରକ୍ଷଣ ଚିଠା ତାଲିକା ପ୍ରକାଶ ପାଇଥିଲା। ସରପଞ୍ଚ ପ୍ରାର୍ଥୀଙ୍କ ନିମନ୍ତେ ଅସଂରକ୍ଷିତ ଆସନ ମଧ୍ୟରେ ଅଟାଳ, ଅରଗଳ, ଦେମାଳ, ପେଡପଡା, ବଡାମ୍ବିଲା, ବାଳକାଟି, ଭୁଇଁପୁର, ମେଣ୍ଢପୁର ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ଅରେହିକଣା, ନିଆଳ, ପତ୍ରପୁର, ପାଳିମି, ବାଟିପଡା, ମହୁ, ସହିରା, ସଂସିଧା, ସିଙ୍ଗିରି ଆସନ ଅସଂରକ୍ଷିତ ରହିଛି। ସେହିପରି ଏକମାଣିଆ, ଟୁଙ୍ଗା, ଦେସାହି, ନରେନ୍ଦ୍ରପୁର ପଛୁଆବର୍ଗରେ ମହିଳା, କୋଳିଡିହ, ଚଣ୍ଡିଆଗଡି, ଜୁଆଣିଆ, ଦଶିପୁର ପଞ୍ଚାୟତ ପଛୁଆବର୍ଗଙ୍କ ପାଇଁ ରହିଛି। ଏରଡଙ୍ଗ, ଗୋବିନ୍ଦପୁର, ନୂଆପଡା, ମାଣିକପାଟଣା ଅନୁସୂଚିତ ଜାତି ମହିଳାଙ୍କ ପାଇଁ ଥିବାବେଳେ କଳସପୁର, କେନ୍ଦୁଆପାଳ, ଗୋବିନ୍ଦପୁର, ପଦନୀପାଳ, ସାନମଙ୍ଗ, ଡିମିରିପାଳ ପଞ୍ଚାୟତ ଅନୁସୂଚିତ ଜାତିଙ୍କ ପାଇଁ ରଖାଯାଇଛି।

**ସଂକ୍ଷେପରେ**

## ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ

**ନୟାଗଡ଼ ଅଫିସ,୯।୧୦:** ଓଡ଼ିଶାର ବରପୁତ୍ର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ନୟାଗଡ଼ ବ୍ଲକ ଶିକ୍ଷକ ସମାଜ ପକ୍ଷରୁ ପାଳିତ ହୋଇଯାଇଛି । ଏ ଅବସରରେ ନୟାଗଡ଼ ଜିଲା ଶିକ୍ଷା କାର୍ଯ୍ୟାଳୟ ପରିସରରେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଶିକ୍ଷକସଂଘ ପକ୍ଷରୁ ଶେଖ ଅବଦୁଲ ଖାଲିକ,ଲକ୍ଷ୍ମୀଧର ସାହୁ, ସୁରେଶ ସେଠୀ,ଅଶୋକ ମଲ୍ଲ,ରବିନ୍ଦ୍ର ବେହେରା ପ୍ରମୁଖ ତାଙ୍କ ସ୍ମୃତିଚାରଣ କରିଥିଲେ ।

## ଟ୍ରକ୍ ଧକ୍କାରେ ମହିଳା ମୃତ

**ଗୋପାଳପୁର,୯।୧୦(ଡି.ଏନ.ଏ.):** ଗୋଳନ୍ଥରା ଥାନା ୧୬ନଂ ଜାତୀୟ ରାଜପଥ ଅଟୋନଗରଠାରେ ଶନିବାର ଏକ ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଆହତ ହୋଇଛନ୍ତି। ମୃତ ମହିଳା ଜଣକ ହେଲେ ଜରଡ଼ା ଥାନା ଅନ୍ତର୍ଗତ ତାଳପଡ଼ା ଗ୍ରାମର ସୁବାସିନୀ ବାଡ଼ତ୍ୟା (୫୩)। ଆହତ ଜଣକ ହେଲେ ତାଙ୍କ ସ୍ୱାମୀ ନିରଞ୍ଜନ ବାଡ଼ତ୍ୟା। ଉଭୟ ଦମ୍ପତି ଏକ ସ୍କୁଟି ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲକୁ ଯାଉଥିବା ବେଳେ ଗୋଳନ୍ଥରା ଥାନା ଅଟୋନଗରଠାରେ ଶନିବାର ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଟ୍ରକ୍ଟି ସ୍କୁଟି ପଛକୁ ଧକ୍କା ଦେଇଥିଲା। ଫଳରେ ପଛରେ ବସିଥିବା ସୁବାସିନୀ ଟ୍ରକ୍ର ପଛଚକା ତଳେ ପଡ଼ିଯାଇଥିଲେ ଓ ନିରଞ୍ଜନ ଆଗକୁ ଛିଟିକି ପଡ଼ିଥିଲେ। କିଛି ସମୟ ପାଇଁ ରାସ୍ତା ଜାମ ହୋଇଯାଇଥିଲା। ଗୋଳନ୍ଥରା ଥାନା ପୋଲିସ ପହଞ୍ଚି ଉଭୟ ଆହତଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୁବାସିନୀଙ୍କ ମୃତ୍ୟୁ ଘଟିଥିଲା।

# ତାମ୍ପରା ବିକାଶ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ଏମ୍ପି, ବିଧାୟକ



ତାମ୍ପରା ହ୍ରଦ ଭ୍ୟୁ ପାର୍କରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକଙ୍କୁ ସମ୍ମାନିତ କରାଯାଉଛି ।

**ଛତ୍ରପୁର,୯।୧୦(ଡି.ଏନ.ଏ.)**

ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ବ୍ରହ୍ମପୁର ବନ ଡିଭିଜନ ପକ୍ଷରୁ ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଜାଦୀ କା ଅମୃତ ମହୋତ୍ସବର ସପ୍ତାହକ ସମାରୋହ ପାଳିତ ହେଉଛି । ଶନିବାର ଏହାର ଉଦ୍‌ଘାଟନ କାର୍ଯ୍ୟକ୍ରମ ତାମ୍ପରା ହ୍ରଦ ଭ୍ୟୁ ପାର୍କରେ ଆୟୋଜନ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ଏମ୍ପି ଚନ୍ଦ୍ର ଶେଖର ସାହୁ ଯୋଗଦେଇ ତାମ୍ପରାର ପୁନରୁଦ୍ଧାରର ଆହୁରି ଆବଶ୍ୟକତା ରହିଛି ବୋଲି କହିଥିଲେ । ଜାତୀୟ ପର୍ଯ୍ୟଟନ ମାନଚିତ୍ରରେ ଏହି କ୍ଷେତ୍ରର ମାନ୍ୟତା ମିଳିଛି। ଏହାର ରୂପାନ୍ତରୀକରଣ ପରେ ଏହା ଆହୁରି ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହୋଇପାରିଥିବା ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା କହିଥିଲେ। ଏହାର ଆହୁରି ବିକାଶର ଆବଶ୍ୟକତା ଥିବା ଅନ୍ୟତମ ଅତିଥି ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା କହିଛନ୍ତି । ତାମ୍ପରାର ପୁନରୁଦ୍ଧାର ଓ ବିକାଶ ପାଇଁ ଆଉ କଣ ସବୁ ଆବଶ୍ୟକତା ରହିଛି ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ବ୍ରହ୍ମପୁର ଏମ୍ପି ଓ ବିଧାୟକ, ଛତ୍ରପୁର ବିଧାୟକ ଭେଟି ଦୃଷ୍ଟି ଆକର୍ଷଣ କରିବେ ବୋଲି ସୂଚନା ଦିଆଯାଇଛି ।

ଅନ୍ୟମାନଙ୍କ ମଧ୍ୟରେ ଡିଆରଡିଏ ପିଡି ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ବିଏମ୍‌ସି କମିଶନର ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ବ୍ରହ୍ମପୁର ଉପଜିଲାପାଳ ଭି କୀର୍ତ୍ତି ଭାସନ, ବିଡିଏ ସଚିବ ସମ୍ବିତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ବ୍ରହ୍ମପୁର ଡିଏଫ୍‌ଓ ଅମ୍ଲାନ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏସିଏଫ୍ ଅଶୋକ କୁମାର ବେହେରା ଧନ୍ୟବାଦ ଦେଇଥିଲେ। କଣମଣା ସ୍କୁଲର ଛାତ୍ରୀଛାତ୍ରଙ୍କ ପକ୍ଷରୁ ପରିବେଶ ସୁରକ୍ଷା ନେଇ ନୃତ୍ୟ ନାଟିକା ପରିବେଷଣ ହୋଇଥିଲା । ପରେ ୱେଟଲ୍ୟାଣ୍ଡ (ଆର୍ଦ୍ରଭୂମି) ମିତ୍ର ଚୟନ ସହ ତାମ୍ପରା ସଫା କରାଯାଇଥିଲା । ୱାଇଲ୍ଡ ଲାଇଫ ୱାର୍ଡେନ ରବୀନ୍ଦ୍ର ନାଥ ସାହୁ, ସ୍ୱେଚ୍ଛାକର୍ମୀ ମାଗତା ବେହେରା, ସୁମନ ପ୍ରଧାନ, ବିଚିତ୍ରାନନ୍ଦ ବିଶ୍ୱାଳ, ସୁଶାନ୍ତ ପରିଡା, ସାଗର ନାୟକ, ପ୍ରଦ୍ୟୁମ୍ନ କୁମାର ବେହେରା, ସୌମ୍ୟରଞ୍ଜନ ବିଶ୍ୱାଳ, ଶୁଳପାଣି ଶତପଥୀ ଓ କଣମଣା ସ୍କୁଲ ପ୍ରଧାନଶିକ୍ଷକ ଅଜିତ କୁମାର ସେଠୀଙ୍କୁ ସମ୍ମାନିତ କରାଯାଇଛି ।

# ଦଶପଲ୍ଲା ବ୍ଲକ୍ ଅଧ୍ୟକ୍ଷ ପଦବୀ ନେଇ ଚିନ୍ତା

**ନୟାଗଡ଼ ଅଫିସ,୯।୧୦**

- ୨୦ ପଞ୍ଚାୟତରେ ପଛୁଆ ବର୍ଗଙ୍କ ପାଇଁ ନାହିଁ ସଂରକ୍ଷଣ ବ୍ୟବସ୍ଥା
- ଚିଠା ସଂରକ୍ଷଣ ବିଜ୍ଞପ୍ତିରୁ ଖୋଜା ଚାଲିଛି ତ୍ରୁଟି

ପଞ୍ଚାୟତ ନିର୍ବାଚନ ପାଇଁ ଜିଲାସ୍ତରରେ ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ, ବ୍ଲକ ଅଧ୍ୟକ୍ଷ ପଦବୀ ଓ ଜିଲା ପରିଷଦ ସଭ୍ୟ ପାଇଁ ଚିଠା ସଂରକ୍ଷଣ ବିଜ୍ଞପ୍ତି ଶୁକ୍ରବାର ପ୍ରକାଶ ପାଇଛି । ଏହି ବିଜ୍ଞପ୍ତିରେ କିଛି ତ୍ରୁଟି ରହିଥିବା ନଜରକୁ ଆସିଲାଣି । ପୁଣି ତ୍ରୁଟି ଖୋଜା ଚାଲିଛି। ଏଠାରେ ଉଦାହାରଣ ଭାବେ ଦଶପଲ୍ଲା ବ୍ଲକକୁ ନିଆଯାଇ ପାରେ । ଦଶପଲ୍ଲା ବ୍ଲକ ଅଧ୍ୟକ୍ଷ ପଦ ପଛୁଆ ବର୍ଗ ମହିଳାଙ୍କ ପାଇଁ ଉର୍ଦ୍ଦିଷ୍ଟ ରହିଛି । କିନ୍ତୁ ଦଶପଲ୍ଲା ବ୍ଲକର ୨୦ ପଞ୍ଚାୟତରେ ପଛୁଆ ବର୍ଗ ମହିଳାଙ୍କ ପାଇଁ ସଂରକ୍ଷଣ ନ ଥିବାରୁ ଅଧ୍ୟକ୍ଷ ହେବାକୁ ପ୍ରାର୍ଥୀ ମିଳିବେ ନାହିଁ ବୋଲି କୁହାଯାଉଛି। ଦଶପଲ୍ଲା ବ୍ଲକର ୨୦ ପଞ୍ଚାୟତ ମଧ୍ୟରୁ ଅନୁସୂଚିତ ଜାତିଙ୍କ ପାଇଁ ୪ ପଞ୍ଚାୟତ, ଅନୁସୂଚିତ ଜନଜାତିଙ୍କ ପାଇଁ ୬ ପଞ୍ଚାୟତ, ଅସଂରକ୍ଷିତ୧୦ଟି ଆସନ ରହିଛି । ହେଲେ ପଛୁଆବର୍ଗଙ୍କ ପାଇଁ ଆଦୌ ବ୍ୟବସ୍ଥା ନ ଥିବାରୁ ଅସନ୍ତୋଷ ସୃଷ୍ଟି ହୋଇଛି । ସମିତି ନିର୍ବାଚନ ମଣ୍ଡଳୀରେ ପଛୁଆ ବର୍ଗ ସମିତି ସଭ୍ୟ ପ୍ରାର୍ଥୀଙ୍କ ପାଇଁ ସଂରକ୍ଷଣ ନ କରି ଅଧ୍ୟକ୍ଷ ପଦ ସଂରକ୍ଷଣ ରଖିଲେ କିପରି ଜଣେ ପଛୁଆ ବର୍ଗ ପ୍ରାର୍ଥୀ ଅଧ୍ୟକ୍ଷ ହେବ ବୋଲି ପ୍ରଶ୍ନ କରାଯାଇଛି ।

ଜିଲା ପରିଷଦ ଜୋନର ଚିଠା ସଂରକ୍ଷଣ ବିଜ୍ଞପ୍ତି ଆଶାୟୀ ପ୍ରାର୍ଥୀଙ୍କ ଟେନଶନ ବଢ଼ାଇ ଦେଇଛି । ୨୦୧୭ ନିର୍ବାଚନରେ ବିଜୟୀ ହୋଇଥିବା ଅନେକ ଜିଲା ପରିଷଦ ସଦସ୍ୟ ପ୍ରାର୍ଥୀ ହେବାରୁ ବଞ୍ଚିତ ହେବେ । ଅନ୍ୟପକ୍ଷେ ଆଶାୟୀମାନେ ୨୦୦୨, ୨୦୦୭, ୨୦୧୨, ୨୦୧୭ ନିର୍ବାଚନର ସଂରକ୍ଷଣ ତାଲିକାକୁ ଖୋଜି ଚିଠା ସଂରକ୍ଷଣର ବିଜ୍ଞପ୍ତିଙ୍କୁ ଯାଞ୍ଚ କରୁଛନ୍ତି । କିଛି ଜୋନରେ ତ୍ରୁଟି ହୋଇଥିବା ଜଣାପଡ଼ିଛି। ଏହି ତ୍ରୁଟିକୁ ନେଇ ଆପତ୍ତି ଅଭିଯୋଗ କରି ପୁଣି ଜୋନ୍ ସଂରକ୍ଷଣକୁ ବଦଳାଇବାକୁ ଉଦ୍ୟମ ଆରମ୍ଭ ହୋଇଛି । ବଣପାହାଡ଼ ଘେରା ନୟାଗଡ଼ ଜିଲାର ଲୋକସଂଖ୍ୟା ୮ ଲକ୍ଷ ୯୧ ହଜାର ୯୨୯ । ଏଥିରୁ ଅନୁସୂଚିତ ଜାତି ୧ଲକ୍ଷ ୨୭ ହଜାର ୯୭୪, ଅନୁସୂଚିତ ଜନଜାତି ୫୭ ହଜାର ୪୭୬, ସାଧାରଣ ଲୋକ ୭ ଲକ୍ଷ ୬ ହଜାର ୪୭୯ ଅଛନ୍ତି । ଜିଲାର ୮ଟି ବ୍ଲକରେ ରହିଛି ୨୪ ଜିଲା ପରିଷଦ ଜୋନ୍। କେତେକ ଜୋନ୍‌ରେ ଆଶାୟୀ ପ୍ରାର୍ଥୀ ନିଜର କ୍ଷେତ୍ର ସଜାଇଥିଲେ । ହେଲେ ସଂରକ୍ଷଣ ତାଲିକା ଦେଖି ଆଶାୟୀଙ୍କ ଆଶା ଉଡ଼ି ଯାଇଛି। ପୁଣି କେତେକ ସ୍ଥାନରେ ଶାସକ ଦଳର ଆଶାୟୀଙ୍କୁ ସଂରକ୍ଷଣ ମଧ୍ୟ ଆଶ୍ଚର୍ଯ୍ୟ କରିଛି । କାରଣ ସେମାନେ ମଧ୍ୟ ସଂରକ୍ଷଣ ତାଲିକା ଯୋଗୁ ବାଦ୍ ପଡିଛନ୍ତି। କେତେଜଣ ଶାସକ ଦଳର ଆଶାୟୀ ଲାଭବାନ ହେବେ ବୋଲି କୁହାଯାଉଛି ।

ଅନ୍ୟପକ୍ଷେ ନୟାଗଡ଼ ବ୍ଲକ ବିରୁଡା ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ଅନୁକମ୍ପା ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ଉଠିଛି। ଏହି ପଞ୍ଚାୟତରେ ସରପଞ୍ଚ ପଦବୀକୁ ଲଗାତାର ଭାବେ ୨୦୧୨,୨୦୧୭,୨୦୨୨ରେ ସାଧାରଣ ବର୍ଗଙ୍କ ପାଇଁ ଅସଂରକ୍ଷିତ ରହିଛି । ତେବେ ଜିଲାର ବିଭିନ୍ନ ପଞ୍ଚାୟତ ଗୋଟିଏ ଟର୍ମ ପରେ ସଂରକ୍ଷଣ ନୀତି ଲାଗୁ ହେଉଥିଲେ ମଧ୍ୟ ବିରୁଡ଼ାକୁ କାହିଁକି ସଂରକ୍ଷିତ କରାଯାଉନି ବୋଲି ପ୍ରଶ୍ନ କରାଯାଇଛି। ଏହିଭଳି ଆଉ କେତେକ ପଞ୍ଚାୟତକୁ ଅନୁକମ୍ପା ଦେଖାଯାଇଛି ବୋଲି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ କୁହାଯାଉଛି ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଷ୍ଟ୍ରେସ୍ଡ ଆସେଟସ୍ ରିକଭରି ଶାଖା (SARB)

**ଭ୍ରମ ସଂଶୋଧନ**

ତା.୦୯.୧୦.୨୦୨୧ରିଖରେ 'ଧରିତ୍ରୀ'ରେ ପ୍ରକାଶିତ ଇ-ନିଲାମ ବିକ୍ରୟ ସମ୍ପତ୍ତି ର ନିମ୍ନରେ ଦିଆଯାଇଥିବା ପରବର୍ତ୍ତୀ ଅନୁସନ୍ଧାନ ପାଇଁ କ୍ର.ନ. ୧ ଓ ୨ ନିମନ୍ତେ ଶ୍ରୀ ସୁରେଶ ଚନ୍ଦ୍ର ପଣ୍ଡା ପରିବର୍ତ୍ତେ ଶ୍ରୀ ସୁକାନ୍ତ କୁମାର ଗିରି (କ୍ଷମତାପ୍ରାପ୍ତ ଅଧିକାରୀ), ମୋ : ୮୬୫୮୫୬୨୧୧୩ କୁ ଯୋଗାଯୋଗ କରନ୍ତୁ । ସ୍ୱା/-
କ୍ଷମତାପ୍ରାପ୍ତ ଅଧିକାରୀ,
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ଦୋଳାରେ ଡାକ୍ତରଖାନା ଗଲେ ଗର୍ଭବତୀ

**ପାତ୍ରପୁର,୯।୧୦(ଡି.ଏନ.ଏ.)**



ପାତ୍ରପୁର ବ୍ଲକ ଆଦିବାସୀ ଅଧ୍ୟୁଷିତ ଆଙ୍କୁଲି ପଞ୍ଚାୟତ ଠଣାଗାଁ ଗ୍ରାମରେ ଶନିବାର ଜଣେ ଗର୍ଭବତୀଙ୍କୁ ଦୋଳାରେ ବୁହାଇ ଡାକ୍ତରଖାନା ନିଆଯାଇଛି। ଗ୍ରାମର ଭାସ୍କର କାର୍ଯ୍ୟୀଙ୍କ ଝିଅ ପ୍ରମିଳାଙ୍କୁ ସକାଳେ ଗର୍ଭ ବେଦନା ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପାଇଁ ଗ୍ରାମରୁ ପକ୍କା ରାସ୍ତା ନଥିବାରୁ ପରିବାର ଲୋକ ଗ୍ରାମର ୨ ଜଣ ଛାତ୍ରଙ୍କୁ ସହାୟତା ମଗିଥିଲେ। ଦଶମ ଶ୍ରେଣୀରେ ପଢୁଥିବା ମନୋରଞ୍ଜନ ବଡମୁଣ୍ଡି ଓ କଲେଜରେ ପଢୁଥିବା ଦୀନବନ୍ଧୁ ଡାକୁଆ ଆସି ପ୍ରାୟ ତିନି କିମି ବାଣିଆଖାଲ ଜଙ୍ଗଲ ପଥରେ ଗର୍ଭବତୀଙ୍କୁ ଦୋଳାରେ ବୋହି ମୁଖ୍ୟ ରାସ୍ତାକୁ ଆଣିବା ପରେ ଏକ ଅଟୋ ଯୋଗେ ଜରଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ମହିଳାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା।

# ଧସିଗଲା କଲଭର୍ଟ, ବିପଦରେ ଯାତାୟାତ



**ଗୋଷାଣୀ/ପାରଳାଖେମୁଣ୍ଡି (ଡି.ଏନ୍.ଏ.), ୯।୧୦**

ଗୋଷାଣୀ ବ୍ଲକ ଗୋଷାଣୀ ଛକଠାରେ ଥିବା ବହୁପୁରୁଣା କଲଭର୍ଟ ଧସି ଯାଇଛି। ଏହା ଉପରେ ପ୍ରତିଦିନ ଶତାଧିକ ଭାରିଯାନ ଯାତାୟାତ କରିଥାନ୍ତି। ଅନେକ ଥର ନୂତନ ରାସ୍ତା କାର୍ଯ୍ୟ ହୋଇଛି କିନ୍ତୁ ବିପଦ ସଙ୍କୁଳ ଅବସ୍ଥାରେ ଥିବା କଲଭର୍ଟ ଉପରେ ପିଡବ୍ଲୁଡିର କର୍ତ୍ତୃପକ୍ଷଙ୍କ ନଜର ପଡୁନାହିଁ। ଗୋଷାଣୀଠାରୁ ଲିଙ୍ଗିପୁରୁ ବର୍ଷେ ନ ହୋଇ ସିମେଣ୍ଟ ରୋଡର ରଡ ଦେଖାଯାଉଛି। ଅନେକ ସ୍ଥାନରେ ପିଚୁ ଉଠି ଗର୍ତ୍ତ ହୋଇଯାଇଛି। ପ୍ରତିବର୍ଷ ରାସ୍ତା କାମ ହେଉଛି କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷ ବିପଦ ସଂକୁଳ ଅବସ୍ଥାରେ ଥିବା କଲଭର୍ଟ ଉପରେ ନଜର ପଡୁନାହିଁ। ସେହି ବିପଦ ସଂକୁଳ ଅବସ୍ଥାରେ ଥିବା କଲଭର୍ଟ ଉପରେ ଅଳିଆ ଆବର୍ଜନା ପକାଯାଉଥିବାରୁ କୌଣସି ଅଜଣା ବ୍ୟକ୍ତିଙ୍କ ଗୋଡ଼ ଭୁଲରେ ପଡ଼ିଗଲେ ଭିତରକୁ ଗଳିଯିବାର ସମ୍ଭାବନା ରହିଛି। ଶୀଘ୍ର ନୂତନ କଲଭର୍ଟ ଓ ରାସ୍ତା ଉପରେ ପଡ଼ିଥିବା କୁଢ଼ କୁଢ଼ ଆର୍ବଜନା ଅନ୍ୟତ୍ର ବାହାର କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ଜୁଆ ଆଡ୍ଡାରୁ ଲକ୍ଷେ କୋଡ଼ିଏ ହଜାର ଜବତ

**ଚିକିଟି,୯।୧୦ (ଡି.ଏନ.ଏ.):** କେ.ନୂଆଗାଁ ଥାନା ଅନ୍ତର୍ଗତ ବମକୋଇ ଗ୍ରାମସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଛପଟେ ଦୀର୍ଘଦିନ ଧରି ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଶୁକ୍ରବାର ମଧରାତ୍ରିରେ ପୋଲିସ ଚଢ଼ାଉ କରିଥିଲା। ସେଠାରୁ ଲକ୍ଷେ କୋଡିଏ ହଜାର ଟଙ୍କା ଜବତ କରିବା ସହିତ ୩ ବାଇକ ଏବଂ ୮ ଜଣଙ୍କୁ ଗିରଫ କରାଯାଇଛି। ଉକ୍ତ ସ୍ଥାନରେ ଜୁଆ ଆଡ୍ଡା ଚାଲିଥିବା ନେଇ ଅଞ୍ଚଳବାସୀ ପକ୍ଷରୁ ଅଭିଯୋଗ ହୋଇ ଆସୁଥିଲା। କେ ନୂଆଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିଥିବା ଥାନାଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST-327R, ତା: 07.10.2021

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳ ଅଧୀନସ୍ଥ ମାନେଶ୍ୱର, ରେଢ଼ାଖୋଲ ଏବଂ ବଇଣ୍ଡା ଠାରେ ଟ୍ରାକ୍ସନ ସବ୍-ଷ୍ଟେସନରେ ଓପନ ଆକ୍ସେସ୍ (Open access) କନେକ୍ଟିଭିଟି ନିମନ୍ତେ CT, PT ଏବଂ ABT ମିଟର ବ୍ୟବସ୍ଥା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** ₹ 84.25 ଲକ୍ଷ, କାର୍ଯ୍ୟ ଶେଷ ହେବା ଅବଧି : 06 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.10.2021ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ଼୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର କାଗଜପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ । ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C/G ଏବଂ G1 ର ଦାଖଲ, ଟେଣ୍ଡର କାଗଜପତ୍ର ଉପରେ 2 ର ଅନୁଲଗ୍ନକ-I , ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀ ଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ/ ନିର୍ମାଣ-I/ ଭୁବନେଶ୍ୱର
PR-73/CE/21-22

**ତହସିଲଦାରଙ୍କ କାର୍ଯ୍ୟାଳୟ, ବୈପାରିଗୁଡ଼ା**
**(ଭୂ-ଅର୍ଜନ କ୍ଷମତାପ୍ରାପ୍ତ ଅଧିକାରୀ)**
**(ଭାରତ ସରକାର ରାଜପତ୍ର, ଅସାଧାରଣ ଭାଗ-୨, ଖଣ୍ଡ-୩ (ii)ରେ ପ୍ରକାଶ ନିମନ୍ତେ)**
**ଭାରତ ସରକାର**
**(ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ)**
**ଅଧିସୂଚନା**
**ନୂଆଦିଲ୍ଲୀ, ତା୦୩।୦୮।୨୦୨୧**

No. X-12:- କା.ଆ. ୩୦୯୯ (ଅ) କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ଅଧିନିୟମ ୧୯୫୬ (୧୯୫୬ କା୪୮)ର ଧାରା ୩ (କ) ଅର୍ପିତ କ୍ଷମତାର ପ୍ରୟୋଗ ପୂର୍ବକ ଏହାର ଆବଶ୍ୟକତା ପ୍ରତୀତ ହେବା ପରେ ଓଡ଼ିଶା ରାଜ୍ୟ ଅନ୍ତର୍ଗତ କୋରାପୁଟ ଜିଲ୍ଲାର ଜାତୀୟ ରାଜପଥ- ୩୨୬ରେ କିମି ୩୨୩.୯୦୦ କି.ମି., ପାତ୍ରପୁଟଠାରେ ନୂତନ ଉଚ୍ଚ ସେତୁ ନିର୍ମାଣ ଉଦ୍ଦେଶ୍ୟରେ ଅନୁସୂଚୀ ସ୍ତମ୍ଭ (୪), (୫), (୬) ଓ (୭) ଯଥାକ୍ରମେ ରାଜ୍ୟ, ଜିଲ୍ଲା, ତାଲୁକ ଓ ଗାଁ ଅନୁସୂଚୀ ସ୍ତମ୍ଭ (୩)ରେ ଭୂମିର ବିବରଣୀ (୨)ରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନାମ ପ୍ରକାଶ କରାଗଲା ।

**ସ୍ୱା./- ତହସିଲଦାର ବୈପାରିଗୁଡ଼ା ଓ (ଭୂ-ଅର୍ଜନ କ୍ଷମତାପ୍ରାପ୍ତ ଅଧିକାରୀ), କୋରାପୁଟ ଜିଲ୍ଲା**

**ଅନୁସୂଚୀ**

**ଓଡ଼ିଶା ରାଜ୍ୟ ଅନ୍ତର୍ଗତ କୋରାପୁଟ ଜିଲ୍ଲାର ଜାତୀୟ ରାଜପଥ-୩୨୬ରେ କିମି ୩୨୩.୯୦୦ କି.ମି., ପାତ୍ରପୁଟଠାରେ ନୂତନ ଉଚ୍ଚ ସେତୁ ନିର୍ମାଣ, ରକ୍ଷଣାବେକ୍ଷଣ ଓ ପରିଚଳନା ଇତ୍ୟାଦି ସାର୍ବଜନୀନ ଉଦ୍ଦେଶ୍ୟରେ ବିସ୍ତୃତ ବିବରଣୀ ପ୍ରଦାନ କରାଗଲା।**

| କ୍ର. ସଂ. | ଭୂ-ଅର୍ଜନ ଅଧିକାରୀ | ଭୂମିର ବିବରଣୀ | ରାଜ୍ୟର ନାମ | ଜିଲ୍ଲାର ନାମ | ତାଲୁକ/ମଣ୍ଡଳ | ଗ୍ରାମର ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ତହସିଲଦାର, ବୈପାରିଗୁଡ଼ା | ୩୨୩.୯୦୦ /କି.ମି. ଠାରୁ ୩୨୩.୯୦୦ | ଓଡ଼ିଶା | କୋରାପୁଟ | ଜୟପୁର | ୧ କଙ୍ଗୋଇ |
| | | | | | ବୈପାରିଗୁଡ଼ା | ୨ ବିଚଲକୋଟା |

**ସ୍ୱା./- ତହସିଲଦାର ବୈପାରିଗୁଡ଼ା ଓ (ଭୂ-ଅର୍ଜନ କ୍ଷମତାପ୍ରାପ୍ତ ଅଧିକାରୀ), କୋରାପୁଟ ଜିଲ୍ଲା**
OIPR-24221/14/0001/2122

**ଓଡ଼ିଶା ସରକାର**
**ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଅଧିସୂଚନା**

**SBTJ No.-68** **ତାରିଖ: 26.02.2021/ଅନୁଗୋଳ**

No. XXIX-18: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ **ଶାଳଗାଁ ବୁଢ଼ାପଙ୍କ ତାଳଚେରଠାରୁ ଜରପଡ଼ା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ** ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ଜିଲ୍ଲାର *ଅଭିମାନପୁର* ମୌଜାରେ ନିମ୍ନ ସୂଚିତ ତଫସିଲ ମତେ ପ୍ରାୟ **୨.୧୯୦** ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act 2013)ର ଧାରା ୧୧(୧)ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ଏହି ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act 2013)ର ଧାରା ୧୧(୧) ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ଅନୁଗୋଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-ରେଳପଥ ନିର୍ମାଣ ପ୍ରକଳ୍ପ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ପୂର୍ବତଟ ରେଳପଥ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଧାରା ୮(୨) ମୁତାବକ ପ୍ରକାଶିତ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ ଅନୁଗୋଳ ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଅନୁଗୋଳ | ବଅଁରପାଳ | ଅଭିମାନପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୨.୧୯୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ .................. ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଅନୁଗୋଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବ ନାହିଁ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ,**
**ଜିଲ୍ଲାପାଳ, ଅନୁଗୋଳ**

**ଭୂମି ଅନୁସୂଚୀ**

**ମୌଜା- ଅଭିମାନପୁର (ଗ୍ରାମାଞ୍ଚଳ) ଥାନା- ଅନୁଗୋଳ, ଥାନା ନଂ.- ୯୪, ତହସିଲ- ବଅଁରପାଳ, ଜିଲ୍ଲା- ଅନୁଗୋଳ, ତାଳଚେରଠାରୁ ଜରପଡ଼ା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିର୍ମାଣ ନିମନ୍ତେ**

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ରୟତଙ୍କ ନାମ |
|---|---|---|---|---|---|---|
| ୨୫ | ରୟତି | ୧୧୩ | ଶାରଦ ତିନି/ ୧୯ | ୩.୨୩୦ | ୦.୩୮୦ | ବୈଦ୍ୟନାଥ ଧର, ହାଡ଼ିବନ୍ଧୁ ଧର, ପି: ଯୁଯେଷ୍ଟି ଧର, ଜା: ବ୍ରାହ୍ମଣ, ବା: ଭୋଗ ବେରେଣି |
| ୧୨ | ରୟତି | ୧୦୭/ ୧୧୮ | ଶାରଦ ତିନି/୨ | ୦.୨୯୦ | ୦.୧୦୦ | ଯୋଗିନାଥ ବେହେରା, ପି: ଚେମା ବେହେରା, ଜା: ତନ୍ତି, ବା: ଭୋଗ ବେରେଣି |
| ୩୪/୩ | ରୟତି | ୧୦୭ | ଶାରଦ ତିନି | ୦.୨୭୦ | ୦.୨୦୦ | ସାନ୍ତରା ବେହେରା, ରାଉତୁରା ବେହେରା, ସୁମିତ୍ରା ବେହେରା, ପି: ପ୍ରହଲାଦ ବେହେରା, ଜା: ଗୋପାଳ, ବା: ଭୋଗ ବେରେଣି |
| ୧୩ | ରୟତି | ୧୦୮ | ଶାରଦ ଦୁଇ | ୦.୧୩୦ | ୦.୧୩୦ | ଯୋଗିନାଥ ବେହେରା, ପି: ଚେମା ବେହେରା, ଜା: ତନ୍ତି, ବା: ଭୋଗ ବେରେଣି |
| ୩୪/୪ | ରୟତି | ୧୦୬ | ଘର | ୦.୦୧୦ | ୦.୦୧୦ | ହୃଦାନନ୍ଦ ସାହୁ, ପି: ବିକ୍ରମ ସାହୁ, ଜା: ଚଷା, ବା: ଭୋଗ ବେରେଣି |
| ୧୩ | ରୟତି | ୧୦୯ | ଶାରଦ ଦୁଇ/୨ | ୦.୨୭୦ | ୦.୨୫୦ | ଯୋଗିନାଥ ବେହେରା, ପି: ଚେମା ବେହେରା, ଜା: ତନ୍ତି, ବା: ଭୋଗ ବେରେଣି |
| ୧୭ | ରୟତି | ୧୦୫ | ଶାରଦ ଦୁଇ | ୦.୦୮୦ | ୦.୦୮୦ | ନବଘନ ନାଏକ, ପି: ଯାଦବ ନାଏକ, ଜା: ପାଣ, ବା: ନିଜଗାଁ |
| ୨୮ | ରୟତି | ୧୦୪ | ଶାରଦ ଏକ | ୦.୪୭୦ | ୦.୨୦୦ | ଭାବ ଭୂତିଆ, ଗୁମାନି ଭୂତିଆ, ପି: ଗନ୍ଧର୍ବ ଭୂତିଆ, ଜା: ଗୋପାଳ, ବା: ଭୋଗ ବେରେଣା |
| ୭ | ରୟତି | ୯୭ | ଶାରଦ ତିନି | ୦.୨୧୦ | ୦.୧୦୦ | ଗାଣ୍ଡୁ ବେହେରା, ପି: ଖେତ୍ର ବେହେରା, ଯୋଗି ବେହେରା, ପି: ଚେମା ବେହେରା, ଚୈତନ ବେହେରା, ପି: ମୁଳିଆ ବେହେରା, ଜା: ତନ୍ତି, ବା: ଭୋଗ ବେରେଣି |
| | ରୟତି | ୯୮ | | ୦.୨୭୦ | ୦.୧୧୦ | |
| | ରୟତି | ୯୬ | | ୦.୦୭୦ | ୦.୦୧୦ | |
| ୩୪/୨ | ରୟତି | ୧୧୪ | ଶାରଦ ତିନି | ୦.୬୭୦ | ୦.୨୨୦ | ଭୋଳେଶ୍ୱର ନାଏକ ପି: ବ୍ରହ୍ମାନନ୍ଦ ଉଦେଭାନୁ ଜା: ପାଣ, ବା: କୁସପଙ୍ଗି |
| ୨୨ | ରୟତି | ୧୧୫ | ଶାରଦ ତିନି/ ୮ | ୧.୦୯୦ | ୦.୦୮୦ | ବିଶ୍ୱନାଥ ପରିଡ଼ା ଓ ଆନନ୍ଦ ପରିଡ଼ା, ପି: ଗତି ପରିଡ଼ା ଓ ତୁଆଣି ଦେଇ ପି: ପର୍ଶୁ ପରିଡ଼ା, ଜା: ଗୋପାଳ, ବା: ଭୋଗ ବେରେଣି |
| ୧୭ | ରୟତି | ୧୧୬ | ଶାରଦ ଦୁଇ | ୦.୧୦୦ | ୦.୧୦୦ | ନବଘନ ନାଏକ, ପି: ଯାଦବ ନାଏକ, ଜା: ପାଣି ବା: ନିଜଗାଁ |
| ୭ | ରୟତି | ୧୦୩ | ଶାରଦ ତିନି | ୦.୧୫୦ | ୦.୧୫୦ | ଗାଣ୍ଡୁ ବେହେରା, ପି: ଖେତ୍ର ବେହେରା, ଯୋଗି ବେହେରା, ପି: ଚେମା ବେହେରା, ଚୈତନ ବେହେରା, ପି: ମୁଳିଆ ବେହେରା, ଜା: ତନ୍ତି, ବା: ଭୋଗ ବେରେଣି |
| ୨୭ | ରୟତି | ୮୮ | ଶାରଦ ଦୁଇ/୩ | ୦.୮୪୦ | ୦.୦୬୦ | ବୈଷ୍ଣବ ସାହୁ, ଅରକ୍ଷିତ ସାହୁ, ପି: ଲୋକନାଥ ସାହୁ, ଜା: ଚଷା, ବା: ଭୋଗ ବେରେଣି |
| ୨୯ | ରୟତି | ୯୨ | ଶାରଦ ତିନି | ୦.୦୬୦ | ୦.୦୧୦ | ଭାସ୍କର ବାଇ, ପି: ସୁଦର୍ଶନ ବାଇ, ଜା: ତନ୍ତି, ବା: ଭୋଗ ବେରେଣି |
| | | | ମୋଟ | ୮.୨୧୦ | ୨.୧୯୦ | |

**ସ୍ୱା./- ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ, ଶାଳଗାଁ ବୁଢ଼ାପଙ୍କ ତାଳଚେର ଜରପଡ଼ା ତୃତୀୟ ଓ ଚତୁର୍ଥ ରେଳପଥଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ**

**ସ୍ୱା./- ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ**
**ଜିଲ୍ଲାପାଳ, ଅନୁଗୋଳ**
OIPR-24012/14/0023/2122

**ଓଡ଼ିଶା ସରକାର**
**ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଅଧିସୂଚନା**

**SBTJ No. 74** **ତାରିଖ: 26.02.2021/ଅନୁଗୋଳ**

No. XXIX-27: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ **ଶାଳଗାଁ ବୁଢ଼ାପଙ୍କ ତାଳଚେରଠାରୁ ଜରପଡ଼ା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ** ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ଜିଲ୍ଲାର *ବଡ଼କରବେରେଣୀ* ମୌଜାରେ ନିମ୍ନ ସୂଚିତ ତଫସିଲ ମତେ ପ୍ରାୟ **୪.୦୫୦** ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act 2013)ର ଧାରା ୧୧(୧)ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ଏହି ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act 2013)ର ଧାରା ୧୧(୧) ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ଅନୁଗୋଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-ରେଳପଥ ନିର୍ମାଣ ପ୍ରକଳ୍ପ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ପୂର୍ବତଟ ରେଳପଥ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଧାରା ୮(୨) ମୁତାବକ ପ୍ରକାଶିତ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ଅନୁଗୋଳ ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଅନୁଗୋଳ | ବଅଁରପାଳ | ବଡ଼କରବେରେଣୀ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୪.୦୫୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ .................. ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଅନୁଗୋଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବ ନାହିଁ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ,**
**ଜିଲ୍ଲାପାଳ, ଅନୁଗୋଳ**

**ଭୂମି ଅନୁସୂଚୀ**

**ମୌଜା- ବଡ଼କରବେରେଣୀ (ଗ୍ରାମାଞ୍ଚଳ) ଥାନା- ଅନୁଗୋଳ, ଥାନା ନଂ.- ୭୧, ତହସିଲ- ବଅଁରପାଳ, ଜିଲ୍ଲା- ଅନୁଗୋଳ, ତାଳଚେରଠାରୁ ଜରପଡ଼ା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିର୍ମାଣ ନିମନ୍ତେ**

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ରୟତଙ୍କ ନାମ |
|---|---|---|---|---|---|---|
| ୧୩୦/୪ | ରୟତି | ୨୨ ବଅଁରବଣି | ୧୭ | ୦.୧୭୦ | ୦.୦୬୦ | ସର୍ବେଶ୍ୱର ବେହେରା ପି: ନବିନା ବେହେରା, ଜା: ଚଷା, ବା: ନିଜଗାଁ |
| | ରୟତି | ୨୧ ତାଳପଣି | ୧୭ | ୦.୪୧୦ | ୦.୪୧୦ | |
| ୬୮ | ରୟତି | ୨୦ ତାଳପଣି | ୧୬ | ୦.୬୬୦ | ୦.୧୦୦ | ବାଳକୃଷ୍ଣ ବେହେରା, ଜୀବନ ବେହେରା, ଅନ୍ତର୍ଯ୍ୟାମୀ ବେହେରା, ପି: ଗୁଣନିଧି ବେହେରା, ପ୍ରସୋଦ ରଞ୍ଜନ ବେହେରା, ପ୍ରଭାତ ବେହେରା ପି: ପୂର୍ଣ୍ଣଚନ୍ଦ୍ର ବେହେରା, କସ୍ତୁରୀ ବେହେରା, ସ୍ୱା: ପୂର୍ଣ୍ଣଚନ୍ଦ୍ର ବେହେରା, ଜା: ଚଷା, ବା: ନିଜଗାଁ |
| ୮୭ | ରୟତି | ୨୯୨ ଓସ୍ତଡ଼ିପ | ୯୫ | ୧.୫୧୦ | ୦.୧୭୦ | ମଦନ ସାହୁ, ପି: ରାମ ସାହୁ, ଜା: ଚଷା, ବା: ନିଜଗାଁ |
| ୫୪ | ରୟତି | ୨୯୧ ଓସ୍ତଡ଼ିପ | ୯୪ | ୧.୪୫୦ | ୦.୧୯୦ | ପରମାନନ୍ଦ ପ୍ରଧାନ, ପି: ଶତ୍ରୁଘ୍ନ ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୧୯ | ରୟତି | ୨୯୦ ଓସ୍ତଡ଼ିପ | ୯୩ | ୦.୦୩୦ | ୦.୦୧୦ | ଗୁଞ୍ଜର ପାତ୍ର, ସ୍ୱା: ନୃସିଂହ ପାତ୍ର, ଜା: କ୍ଷତ୍ରିୟ, ବା: ନିଜଗାଁ |
| ୫୧ | ରୟତି | ୨୮୮ ଓସ୍ତଡ଼ିପ | | ୧.୫୫୦ | ୦.୧୨୦ | ନୃସିଂହ ପାତ୍ର, ପି: ସଦାନନ୍ଦ ପାତ୍ର, ଜା: କ୍ଷତ୍ରିୟ, ବା: ନିଜଗାଁ |
| ୧ | ରୟତି | ୨୮୪ ଓସ୍ତଡ଼ିପ | ୮୮ | ୧.୭୦୦ | ୦.୨୮୦ | ଅକ୍ଷୟ କୁମାର ପାତ୍ର, ବିଦ୍ୟାଧର ପାତ୍ର, ପୀତବାସ ପାତ୍ର, ଅଭିମନ୍ୟୁ ପାତ୍ର, ପି: ବିଛନ୍ଦ ପାତ୍ର, ଜା: କ୍ଷତ୍ରିୟ, ବା: ନିଜଗାଁ |
| ୭୮ | ରୟତି | ୨୮୩ ଗମ୍ଭାରିଡ଼ିପ | ୮୭ | ୧.୧୨୦ | ୦.୧୪୦ | ବୈଷ୍ଣବ ସାହୁ, ପି: ଶ୍ରୀମୁଖ ସାହୁ, ଜା: ଚଷା, ବା: ନିଜଗାଁ |
| ୧୩୦/୧ | ରୟତି | ୨୮୫ ଓସ୍ତଡ଼ିପ | ୮୯ | ୦.୫୦୦ | ୦.୧୨୦ | ଗୁଜୀ ଦେଇ, ସ୍ୱା: ସୁକୁଟୁ ସାହୁ, ଜା: ଚଷା, ବା: କରବେରେଣୀ |
| ୪୦ | ରୟତି | ୨୮୬ ଓସ୍ତଡ଼ିପ | ୯୦ | ୧.୫୬୦ | ୦.୭୫୦ | ଧ୍ରୁବ ବେହେରା, ଶରତ ବେହେରା, ବସନ୍ତ ବେହେରା, ସୁଷମା ବେହେରା, ପି: ବିଚିତ୍ର ବେହେରା, ଝନ୍ଦୁରୀ ବେହେରା, ସ୍ୱା: ବିଚିତ୍ର ବେହେରା, ଜା: ଚଷା, ବା: ନିଜଗାଁ |
| ୩୩ | ରୟତି | ୩୦୨ ଓସ୍ତଡ଼ିପ | ୧୦୩ | ୧.୪୩୦ | ୦.୦୨୦ | ଦାମ ନାୟକ, ପି: ନହିଁଆ ନାୟକ, ଜା: ଚଷା, ବା: ନିଜଗାଁ |
| ୪୦ | ରୟତି | ୨୮୭ ଓସ୍ତଡ଼ିପ | ୯୦ | ୦.୦୪୦ | ୦.୦୨୦ | ଧ୍ରୁବ ବେହେରା, ଶରତ ବେହେରା, ବସନ୍ତ ବେହେରା, ସୁଷମା ବେହେରା, ପି: ବିଚିତ୍ର ବେହେରା, ଝନ୍ଦୁରୀ ବେହେରା, ସ୍ୱା: ବିଚିତ୍ର ବେହେରା, ଜା: ଚଷା, ବା: ନିଜଗାଁ |
| ୪୬ | ରୟତି | ୩୦୧ ଓସ୍ତଡ଼ିପ | ୧୦୨ | ୦.୨୮୦ | ୦.୧୫୦ | ନିତ୍ୟାନନ୍ଦ ନାୟକ, ପିତାମ୍ବର ନାୟକ, ଲୋକନାଥ ନାୟକ, ବିଶ୍ୱମ୍ବର ନାୟକ, ପି: ଦାମ ନାୟକ, ଜା: ଚଷା, ବା: ନିଜଗାଁ |
| ୯୮ | ରୟତି | ୩୦୦ ଓସ୍ତଡ଼ିପ | ୧୦୧ | ୦.୮୩୦ | ୦.୨୨୦ | ଲମ୍ବୋଦର ପ୍ରଧାନ, ପି: ଭଜନା ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୧୨ | ରୟତି | ୨୯୯ ଓସ୍ତଡ଼ିପ | ୧୦୦ | ୧.୨୫୦ | ୦.୦୩୦ | କୁହୁରୁ ସାହୁ, ପି: ଶ୍ରୀନିବାସ ସାହୁ, ଚତୁରୀ ସାହୁ, ସ୍ୱା: ଶ୍ରୀନିବାସ ସାହୁ, ରଜନୀ ସାହୁ, ସ୍ୱା: ପୂର୍ଣ୍ଣ ଚନ୍ଦ୍ର ସାହୁ, ଜା: ଚଷା, ବା: ନିଜଗାଁ |
| ୩୨ | ରୟତି | ୨୯୫ ଓସ୍ତଡ଼ିପ | ୯୭ | ୦.୨୧୦ | ୦.୦୨୦ | ତ୍ରିପୁର ପ୍ରଧାନ, ପି: ଜଗବନ୍ଧୁ ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୧୦୫ | ରୟତି | ୨୯୪ ଓସ୍ତଡ଼ିପ | ୯୬ | ୦.୫୬୦ | ୦.୦୮୦ | ସମ୍ପୈଇ ପ୍ରଧାନ, ସ୍ୱା: ସୁଦେଇ ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୧୨୧ | ରୟତି | ୨୯୩ ଓସ୍ତଡ଼ିପ | | ୦.୯୬୦ | ୦.୦୭୦ | ସୁଦର୍ଶନ ପ୍ରଧାନ, ପି: ପାଣ୍ଡୁ ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୧୨୧ | ରୟତି | ୨୦୩ ଓସ୍ତଡ଼ିପ | | ୦.୫୫୦ | ୦.୧୩୦ | ସୁଦର୍ଶନ ପ୍ରଧାନ, ପି: ପାଣ୍ଡୁ ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୧୨୭ | ରୟତି | ୨୦୯ ଓସ୍ତଡ଼ିପ | ଘରବାରି | ୦.୧୭୦ | ୦.୦୭୦ | ହଟିଆ ପ୍ରଧାନ, ପି: ଭଜନା ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୧୨୭ | ରୟତି | ୨୦୮ | ଘରବାରି | ୦.୦୪୦ | ୦.୦୪୦ | ହଟିଆ ପ୍ରଧାନ, ପି: ଭଜନା ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୧୨୧ | ରୟତି | ୨୦୬ ଗ୍ରାମଡିହ | ଘରବାରି | ୦.୦୮୦ | ୦.୦୩୦ | ସୁଦର୍ଶନ ପ୍ରଧାନ, ପି: ପାଣ୍ଡୁ ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୨୪ | ରୟତି | ୨୦୭ | | ୦.୦୨୦ | ୦.୦୨୦ | ଗୌରାଙ୍ଗ ସାହୁ, ପି: କାଳିଆ ସାହୁ, ବେଙ୍ଗ ସାହୁ, ସ୍ୱା: କାଳିଆ ସାହୁ, ଜା: ଚଷା, ବା: ନିଜଗାଁ |
| ୨୭ | ରୟତି | ୨୪ | | ୦.୦୬୦ | ୦.୦୬୦ | ଚୈତନ୍ୟ ସାହୁ, ପି: ମାଧବ ସାହୁ, ଜା: ଚଷା, ବା: ନିଜଗାଁ |
| ୩୨ | ରୟତି | ୨୫ | | ୦.୧୨୦ | ୦.୧୨୦ | ତ୍ରିପୁର ପ୍ରଧାନ, ପି: ଜଗବନ୍ଧୁ ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୯୮ | ରୟତି | ୨୬ | | ୦.୧୮୦ | ୦.୦୪୦ | ଲମ୍ବୋଦର ପ୍ରଧାନ, ପି: ଭଜନା ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୧୦୫ | ରୟତି | ୩୧ ବଅଁରବଣି | ୧୯ | ୦.୪୨୦ | ୦.୧୭୦ | ସମ୍ପୈଇ ପ୍ରଧାନ, ସ୍ୱା: ସୁଦେଇ ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୩୩ | ରୟତି | ୨୩ ବଅଁରବଣି | ୧୮ | ୦.୯୦୦ | ୦.୧୧୦ | ଦାମ ନାୟକ, ପି: ନହିଁଆ ନାୟକ, ଜା: ଚଷା, ବା: ନିଜଗାଁ |
| ୬୦ | ରୟତି | ୩୨ ବଅଁରବଣି | ୨୦ | ୦.୧୦୦ | ୦.୧୦୦ | ପୂର୍ଣ୍ଣ ପ୍ରଧାନ, ନିମେଇଁ ପ୍ରଧାନ, ପି: ଦ୍ୱାରୀ ପ୍ରଧାନ, ଜା: ଚଷା, ବା: କୁରୁଡୁଲ |
| ୬୬ | ରୟତି | ୩୩ ବଅଁରବଣି | ୨୧ | ୦.୭୦୦ | ୦.୨୦୦ | ବାଞ୍ଛାନିଧି ପାତ୍ର, ପି: କୁଞ୍ଜ ବିହାରୀ ପାତ୍ର, ଜା: କ୍ଷତ୍ରିୟ, ବା: ନିଜଗାଁ |
| | | | ମୋଟ | ୧୯.୫୬୦ | ୪.୦୫୦ | |

**ସ୍ୱା./- ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ, ଶାଳଗାଁ ବୁଢ଼ାପଙ୍କ ତାଳଚେର ଜରପଡ଼ା ତୃତୀୟ ଓ ଚତୁର୍ଥ ରେଳପଥଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ**

**ସ୍ୱା./- ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ**
**ଜିଲ୍ଲାପାଳ, ଅନୁଗୋଳ**
OIPR-24012/14/0032/2122

## ସଂକ୍ଷେପରେ

### ଯୁବ ରେଡ୍‌କ୍ରସ୍ ତାଲିମ ଶିବିର ଉଦ୍‌ଯାପିତ

ଖଣ୍ଡପଡ଼ା,୯।୧୦ (ସ୍ୱ.ପ୍ର.): ସମାଜ ସଂପ୍ରତି ଦୁର୍ଦ୍ଦିନରେ ଗତି କରୁଛି। ଏହାକୁ ସୁଧାରିବା ପାଇଁ ରେଡ୍‌କ୍ରସର ସ୍ୱେଚ୍ଛାସେବୀମାନେ ଆଗେଇ ଆସିଲେ ସମାଜର ମଙ୍ଗଳ ହେବ ବୋଲି ଖଣ୍ଡପଡ଼ା କୋଭିଡ୍ କେୟାର ସେଣ୍ଟରର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଦୀପ କୁମାର ପାଇକରାୟ କହିଛନ୍ତି। ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ ପରିସରରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା କ୍ଲଷ୍ଟରସ୍ତରୀୟ ତାଲିମ ଶିବିରର ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡା.ପାଇକରାୟ ବିଭିନ୍ନ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଖଣ୍ଡପଡ଼ା ବିଡିଓ ଅରୁଣିମା ସାହୁ, ଅତିରିକ୍ତ ତହସିଲଦାର ଲକ୍ଷ୍ମୀକାନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇ ଥିଲେ। ନୟାଗଡ଼ ରେଡକ୍ରସର ଜିଲା ସଂଯୋଜକ ଅଧ୍ୟାପକ ଡ. ଆଦିତ୍ୟ କୁମାର ମିଶ୍ର, ଅଧ୍ୟାପକ ନିରୋଜ ପ୍ରଧାନ, ଗଣିଆ ଉନ୍ନୟନ କମିଟିର ସମ୍ପାଦିକା ଉଷା ପଟ୍ଟନାୟକ, ଅବସରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡା ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଏଥିରେ ବିଭିନ୍ନ କଲେଜର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ।

### କାର ସହ ବିଦେଶୀ ମଦ ଜବତ, ୨ ଗିରଫ

ନୟାଗଡ଼ ଅଫିସ,୯।୧୦: ଖଣ୍ଡପଡ଼ା ଅଞ୍ଚଳକୁ ଯାଉଥିବାବେଳେ ନୟାଗଡ଼ ଟାଉନ ଥାନା ପୋଲିସ ଏକ କାର ସହ ୧୮ ଲିଟର ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ଇଟାମାଟି ଥାନା ବାଉଁଶିଆପଡା ଗାଁର ଲକ୍ଷ୍ମୀଧର ସ୍ୱାଇଁ ଓ ନୟାଗଡ଼ ସଦର ଥାନା କାଳିକାପ୍ରସାଦ ଗାଁର ଦିନବନ୍ଧୁ ଭଟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ଶନିବାର ନୟାଗଡ଼ ସବ୍‌ଜେଲକୁ ପଠାଯାଇଛି। ଏନେଇ ଏକ ମାମଲା (ନଂ.୨୦୫/୨୧) ରୁଜୁ ହୋଇଛି।

### ବେଲେଇଶୁଣୀ, ଭଗ୍ଗାରିକାଙ୍କ ବାର୍ଷିକ ଉତ୍ସବ

ଖଣ୍ଡପଡ଼ା,୯।୧୦ (ସ୍ୱ.ପ୍ର.): ଭାପୁର ବ୍ଲକ କେନ୍ଦୁପଲ୍ଲୀ ପଞ୍ଚାୟତ ମା'ବେଲେଇଶୁଣୀ ପୀଠରେ ଶୁକ୍ରବାରଠାରୁ ୪ଦିନ ବ୍ୟାପୀ ମା'ମହାଲକ୍ଷ୍ମୀ ଓ ମା'ହାଡବାଇଙ୍କ ମନ୍ଦିର ପ୍ରତିଷ୍ଠା ଏବଂ ବେଲେଇଶୁଣୀ ଓ ମା'ଭଗ୍ଗାରିକା ଦେବୀଙ୍କ ବାର୍ଷିକ ଉତ୍ସବ ଆରମ୍ଭ ହୋଇଛି। ଶନିବାର ଜଳଯାତ୍ରା, ଶାଳା ପ୍ରବେଶ, ଅଗ୍ନି ସ୍ଥାପନ, ଯଜ୍ଞ, ମନ୍ଦିର ଓ ବିଗ୍ରହ ମାନଙ୍କର ଗର୍ଭାଧାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ରବିବାର ବିଗ୍ରହମାନଙ୍କ ମହାସ୍ନାନ ଓ ମନ୍ଦିର ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୧ରେ ମନ୍ଦିର ନ୍ୟାସ, ବିଗ୍ରହମାନଙ୍କ ମନ୍ଦିର ପ୍ରବେଶ ପରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହେବ ବୋଲି ଆୟୋଜକମାନେ କହିଛନ୍ତି।

# ସ୍ୱାଧୀନତା ସଂଗ୍ରାମୀଙ୍କୁ ଭୁଲିଯାଇଛି ପ୍ରଶାସନ

- ଆଜି ବି ସଂଗ୍ରାମୀଙ୍କୁ ଝୁରୁଛନ୍ତି ଥୁଆବାରୀ ଗ୍ରାମବାସୀ
- ପ୍ରତିବର୍ଷ ଅକ୍ଟୋବର-୧୦ରେ ପାଳନ ହେଉଛି ଶହୀଦ ଦିବସ

ନୂଆଗାଁ,୯।୧୦ (ଡି.ଏନ.ଏ.)

ପୁରୀ ଜିଲା ଡେଲାଙ୍ଗ ସଭାରେ ମହାତ୍ମା ଗାନ୍ଧୀଙ୍କ ଦେଶମୁକ୍ତି ଆହ୍ୱାନରେ ପ୍ରଭାବିତ ହୋଇ ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ପାରାଢିପି ପଞ୍ଚାୟତ ଥୁଆବାରୀ ଗ୍ରାମର କଣ୍ଟୁରୀ ପରିଡ଼ା ୧୯୩୬ରେ ପ୍ରଜାମଣ୍ଡଳରେ ସାମିଲ ହୋଇଥିଲେ। ଏହାପରେ ଥୁଆବାରୀ ଗ୍ରାମରେ ରୋପଣ ହୋଇଥିଲା ଦେଶମୁକ୍ତି ଆନ୍ଦୋଳନର ବୀଜ। କଣ୍ଟୁରୀଙ୍କ ଆହ୍ୱାନରେ ଆନନ୍ଦ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ବ୍ୟକ୍ତି ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଆରମ୍ଭ କରିଥିଲେ ବିପ୍ଳବ। ଏହି ସଂଗ୍ରାମରେ ଥୁଆବାରୀ ଗ୍ରାମର କଣ୍ଟୁରୀ ପରିଡ଼ା, ଦୟା ବେହେରା, ବୁଦ୍ଧି ପରିଡ଼ା, ଲିଙ୍ଗା ନାହାକ, ଆନନ୍ଦ ସ୍ୱାଇଁ, ଭାଗବତ ସ୍ୱାଇଁ, ପ୍ରହ୍ଲାଦ ସ୍ୱାଇଁ, ରାମ ସାହୁ, ୧୨ ବର୍ଷର ବାଳକ ବୈରାଗୀ ସାହୁ, ବୁଦ୍ଧି ପରିଡ଼ା, ଲିଙ୍ଗା ନାଏକ, ହରି ସାହୁ ଶହୀଦ ହୋଇଥିଲେ। ଥୁଆବାରୀ ଗ୍ରାମର ପ୍ରତ୍ୟେକ ବ୍ୟକ୍ତି କାରାବରଣ କରିବା



ଶହୀଦ କଷ୍ଟି ଡାକୁଆ।

ସହିତ କୁଶବିଡା ଗ୍ରାମର ଆଦିବାସୀ ବାଳକ କଷ୍ଟି ଡାକୁଆ ଦେଶ ସ୍ୱାଧୀନତା ପାଇଁ ଜୀବନ ଦେଇଥିଲେ। ଏପରିକି ଗାଁର ସ୍ତ୍ରୀ ଲୋକମାନେ ଏହି ସ୍ୱାଧୀନତା ସଂଗ୍ରାମରେ ଦେଶ ପାଇଁ ଲଢେଇ କରିଥିଲେ। ମାଳିସାହି ଗ୍ରାମର ଭାଗବତ ନାହାକ ଏବଂ ହୀରାଦେଇପୁର ଗ୍ରାମର ଆଉ ଜଣେ ବୀରପୁତ୍ର ଗତି ମଙ୍ଗରାଜ ଦିନବେଳେ ଲଣ୍ଠନ ଜାଳି ସମସ୍ତଙ୍କୁ ଏହି ସଂଗ୍ରାମରେ ସାମିଲ ହେବାକୁ ଜାଗ୍ରତ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ କେନ୍ଦ୍ର, ରାଜ୍ୟ ସରକାର କିମ୍ବା ଜିଲା ପ୍ରଶାସନ ସେହି ସଂଗ୍ରାମୀମାନଙ୍କୁ ଚିହ୍ନି ପାରିନାହିଁ। ପ୍ରତିବର୍ଷ ଅକ୍ଟୋବର ୧୦ରେ



ଥୁଆବାରୀରେ ଗ୍ରାମବାସୀଙ୍କ ଖର୍ଚ୍ଚରେ ନିର୍ମିତ ଶହୀଦ ସ୍ତମ୍ଭ।

ଥୁଆବାରୀ ଗ୍ରାମବାସୀ ସେହି ଶହୀଦଙ୍କୁ ସ୍ମରଣ କରନ୍ତି। ତାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିନ୍ତି। ଗ୍ରାମର ୫୮ଜଣ ପ୍ରଜା ମଣ୍ଡଳରେ ଭାଗ ନେଇଥିବାରୁ ଗର୍ବ ଅନୁଭବ କରନ୍ତି।

ଦୁଃଖର ବିଷୟ, ଥୁଆବାରୀ ଗ୍ରାମରେ ଏହି ବୀର ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ନିର୍ମାଣ ହୋଇଥିବା ଶହୀଦସ୍ତମ୍ଭ ଲଗାଣ ବର୍ଷାରେ ଦିନେ ଭାଙ୍ଗି ପଡ଼ିଲା। ଗ୍ରାମବାସୀ ବ୍ଲକ୍ ଓ ଜିଲା ପ୍ରଶାସନକୁ ଏ ସଂକ୍ରାନ୍ତରେ ଏକାଧିକବାର ଅବଗତ କରିଥିଲେ। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଶେଷରେ ଗ୍ରାମବାସୀ ନିଜ ସହଯୋଗରେ ଶହୀଦ ସ୍ତମ୍ଭ ନିର୍ମାଣ କରିଥିଲେ ବୋଲି କୁହନ୍ତି ଗ୍ରାମ କମିଟିର ସଭାପତି ବିଜୟ କୁମାର ସାହୁ। ପ୍ରଶାସନର ଏହି ଉଦାସୀନତା ସମସ୍ତ ଦେଶପ୍ରେମୀଙ୍କୁ ମର୍ମାହତ କରିଛି। ବିଭିନ୍ନ ରାଜ୍ୟରେ ଶହୀଦ୍‌ମାନଙ୍କ ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏକାଧିକ ଯୋଜନା ହାତକୁ ନେଇଛନ୍ତି। ହେଲେ ଥୁଆବାରୀ ଗାଁ ପ୍ରତି ରାଜ୍ୟ ସରକାରଙ୍କ ଆଜି ପର୍ଯ୍ୟନ୍ତ ଦୃଷ୍ଟି ପଡ଼ିନାହିଁ ବୋଲି ଶହୀଦ୍‌ଙ୍କ ପରିବାର ଲୋକେ କହିଛନ୍ତି। ଏହି ଗ୍ରାମକୁ ଜାଣିଶୁଣି ପ୍ରଶାସନ ଅବହେଳା କରୁଛି ବୋଲି ସେମାନେ କହିଛନ୍ତି। ବିଗତ ଦିନରେ ସରକାରଙ୍କ ପକ୍ଷରୁ ସଂଗ୍ରାମୀ ପରିବାରଙ୍କୁ କୌଣସି ସହାୟତା ପ୍ରଦାନ କରାଯାଇ ନାହିଁ। ପ୍ରତିବର୍ଷ ଶହୀଦ ଦିବସ ପାଳନ ପାଇଁ ଜିଲା ପ୍ରଶାସନ ମାତ୍ର ୧୦ ହଜାର ଟଙ୍କା ଦେଇ ନିଜ କର୍ତ୍ତବ୍ୟ ସାରି ଦେବା ଘଟଣା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

## କଳସାଖମଣରେ ଟେଲିଫୋନ୍ ଟାୱାର ପ୍ରତିଷ୍ଠା ହେବ

ଦଶପଲ୍ଲା,୯।୧୦ (ଡି.ଏନ.ଏ.)

ଦଶପଲ୍ଲା ବ୍ଲକ୍‌ର କଳସାଖମଣ ପଞ୍ଚାୟତରେ ଟେଲିଫୋନ୍ ଟାୱାର ପ୍ରତିଷ୍ଠା ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ବିଭିନ୍ନ ଉପକରଣ କଳସାଖମଣ ପଞ୍ଚାୟତରେ ପହଞ୍ଚିବା ପରେ ଖୁସିର ବାତାବରଣ ସୃଷ୍ଟି ହୋଇଛି। ପଞ୍ଚାୟତର ସମିତି ସଭ୍ୟାଙ୍କ ପ୍ରତିନିଧି ପ୍ରସନ୍ନ କୁମାର ପାତ୍ର, ବଜରଙ୍ଗବାଲି ଯୁବକ ସଂଘର ସଭାପତି ସୁମନ କୁମାର ନାୟକ, ସମ୍ପାଦକ ନିତ୍ୟାନନ୍ଦ ନାଏକ, ଭାଗବତ ନାୟକ ,ବିଭୂତି ସାହୁ ପ୍ରମୁଖ ହରିବୋଲ ଧ୍ୱନି ଦେଇ ଟାୱାର୍ ସାମଗ୍ରୀ ନେଇ ଆସିଥିବା ଗାଡ଼ିକୁ ପାଛୋଟି ନେଇଥିଲେ। ଏଥିପାଇଁ ଗ୍ରାମବାସୀ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା, ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ କିଶୋର ଦଳବେହେରାଙ୍କ ଭୂମିକାକୁ ସ୍ୱାଗତ କରିଛନ୍ତି।

## ସାମାଜିକ କର୍ମୀଙ୍କ ପରଲୋକ

ଦଶପଲ୍ଲା,୯।୧୦ (ଡି.ଏନ୍.ଏ.)

ଦଶପଲ୍ଲାର ବିଶିଷ୍ଟ ଗାନ୍ଧୀବାଦୀ ନେତା ତଥା ସାମାଜିକ କର୍ମୀ ଡା.ପଦ୍ମଚରଣ ମିଶ୍ରଙ୍କ ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୯୭ବର୍ଷ ବୟସ ହୋଇଥିଲା। ୧୯୬୬ରେ ସେ ସରକାରୀ ଚାକିରୀ ଛାଡ଼ି ଦଶପଲ୍ଲାରେ ବାଳିକା ଉଚ୍ଚ ବିଦ୍ୟାଳୟ ଆରମ୍ଭ କରିଥିଲେ। ଏହା ସହିତ ସେ ବନ୍ଧୁମାନଙ୍କ ସହ ମିଶି ଯୁବନାଟ୍ୟ ସଂଘ ଗଠନ କରିଥିଲେ। କୁଆଁରିଆ ଏବଂ ବୃତ୍ତଙ୍ଗ ଜଳସେଚନ ଯୋଜନା ଥିଲା ତାଙ୍କର ସ୍ୱପ୍ନ। ତାକୁ କାର୍ଯ୍ୟକାରୀ କରିବା ପାଇଁ ସେ ବହୁବାର କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଜଳସଂପଦ ବିଭାଗକୁ ପତ୍ର ଲେଖିଥିଲେ। ଶନିବାର ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ଦଶପଲ୍ଲାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।



ଡା.ପଦ୍ମଚରଣ ମିଶ୍ର

# ରଣପୁର ରାଜନଅରରେ ମା' ଖିଲାମୁଣ୍ଡା

ରଣପୁର,୯।୧୦ (ସ୍ୱ.ପ୍ର.)

ରଣପୁରର ଆରାଧ୍ୟା ଦେବୀ ମା' ଖିଲାମୁଣ୍ଡା ରାଆଁଳାର ଘଞ୍ଚ ଜଙ୍ଗଲରେ ଥିବା ଆସ୍ଥାନ ଛାଡ଼ି ୧୬ ଦିନ ହେଲା ରଣପୁର ରାଜନଅରକୁ ଆସି କାଠିରେ ରହି ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି। ଦେବୀଙ୍କ ପୀଠରେ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହେବା ଦିନକ ପୂର୍ବରୁ ମା' ଖିଲାମୁଣ୍ଡାଙ୍କୁ ଆସ୍ଥାନରୁ ଏକ ଅଟୋପ ଶୋଭାଯାତ୍ରାରେ ରାଜନଅରକୁ ଅଣାଯାଇଥାଏ। ମା'ଙ୍କ ଶକ୍ତି ଏକ କାଠି ସାହାଯ୍ୟରେ ଆସିଥାନ୍ତି। ବାଟରେ ମା' ଭେଟବର, କରଡ଼ାପଲ୍ଲୀ, କଳାମାଟିଆ, ଗୁଣ୍ଡରିବାଡ଼ି, ଲାଖପଡ଼ା, ନନ୍ଦପୁର ଆଦି ଗ୍ରାମବାସୀଙ୍କଠାରୁ ପୂଜାର୍ଘ୍ୟ ଗ୍ରହଣ କରିଥାନ୍ତି। ଶେଷରେ କଂସାରିସାହି ବାଟଦେଇ ମା' ରଣପୁର ରାଜନଅରରେ ପହଞ୍ଚିବା ପରେ ରାଜା ସାହେବ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥାନ୍ତି। ରାଜନଅରରେ ମା'ଦଶହରା ଯାଏ ରହି ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି।

୨ ବର୍ଷ ହେବ କରୋନା କଟକଣା ମଧ୍ୟରେ ଏହି ପରମ୍ପରା ପାଳନ କରାଯାଉଛି। ଦଶହରା ଦିନ ମା'ଙ୍କୁ ରାଜା ରାତିରେ ତାଙ୍କର ପାତ୍ରମନ୍ତ୍ରୀଙ୍କ ଗହଣରେ ରାଜନଅରରୁ ହାଟ ସାହିଠାରେ ଥିବା ଦଶହରା ପଡ଼ିଆକୁ ନେଇଥାନ୍ତି। ମା'ଦଶହରା ପଡ଼ିଆକୁ ଗଲାବେଳେ ବାଜା, ବାଣ ସହିତ ଢ଼ୋଲ ଓ ମହୁରୀ ବାଦ୍ୟରେ ରଣପୁର ଅଞ୍ଚଳ ପ୍ରକମ୍ପିତ ହୋଇଉଠେ।

### କାଠିରେ ରହି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି



ମା' ଖିଲାମୁଣ୍ଡାଙ୍କ ପୂଜାର୍ଚ୍ଚନା କରାଯାଉଛି।

ଦଶହରା ପଡ଼ିଆରେ ମା'ପହଞ୍ଚିବା ପରେ ପରମ୍ପରା ଅନୁଯାୟୀ ୭ଥର ତୋପଧ୍ୱନୀ ଦିଆଯାଇଥାଏ। ପରେ ପାରାକୁ ଦଶହରା ପଡ଼ିଆରୁ ଅନ୍ଧାର ରାତିରେ ଆକାଶରେ ଉଡ଼ାଇ ଦିଆଯାଏ। କୁହାଯାଏ ମା'ପାରା ମାଧ୍ୟମରେ ସେଠାରୁ ବିଦାୟ ନେଇଥାନ୍ତି।

ମା'ଖିଲାମୁଣ୍ଡା କେଉଁ କାଳରୁ ପୂଜା ପାଉଛନ୍ତି ସେ ନେଇ ଇତିହାସ ନୀରବ। ତେବେ ୧୬୯୧ରେ ରଣପୁର ରାଜା ନରେନ୍ଦ୍ରଙ୍କ ସହ ପୁରୀ ଗଜପତି ପ୍ରତାପ ଦିବ୍ୟସିଂହଦେବଙ୍କ ଯୁଦ୍ଧ ହୋଇଥିଲା। ଯୁଦ୍ଧ ପୂର୍ବରୁ ରାଜା ମାନସିକ କରିଥିଲେ ଯେ, ସେ ବିଜୟୀ ହେଲେ ମା'ଙ୍କୁ ଦଶହରାର ଷୋଳଦିନ ପୂର୍ବରୁ ରାଜନଅର ନେଇ ସେଠାରେ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରିବେ। ଯୁଦ୍ଧରେ ବିଜୟ ହେବା କାରଣରୁ ସେହିବର୍ଷ ରାଜା ନରେନ୍ଦ୍ର ମା'ଙ୍କୁ ରାଆଁଳମାଳରୁ ରାଜନଅରରୁ ଆଣି ପୂଜା କରିଥିଲେ। ସେବେଠାରୁ ଏହି ପରମ୍ପରା ଚାଲିଆସୁଛି। ଏବେ ଏହି ପରମ୍ପରାକୁ ରଣପୁର ରାଜା ସାହେବ ଦିଲ୍ଲୀପ ଚନ୍ଦ୍ର ସିଂହ ଦେବ ପାଳନ କରି ଆସୁଛନ୍ତି।

# ଚିଠା ସଂରକ୍ଷଣ ତାଲିକା ପ୍ରକାଶ

ଓଡ଼ଗାଁ,୯।୧୦ (ସ୍ୱ.ପ୍ର.)

### ଓଡ଼ଗାଁ ବ୍ଲକ

ତ୍ରିସ୍ତରୀୟ ପଞ୍ଚାୟତ ନିମନ୍ତେ ଚିଠା ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ଓଡ଼ଗାଁ ପଞ୍ଚାୟତ ସମିତି ଅଧକ୍ଷ ପଦବୀ ନିମନ୍ତେ ପଛୁଆ ବର୍ଗକୁ ସଂରକ୍ଷଣ ଦିଆଯାଇଥିବା ବେଳେ ଏହି ବ୍ଲକର ୩୬ ପଞ୍ଚାୟତ ମଧ୍ୟରୁ ଅସଂରକ୍ଷିତ ସରପଞ୍ଚ ତାଲିକାରେ ଡିମିସର, ନନ୍ଦିଘୋର, ପଞ୍ଚୁମୁ, ବଡ ଗୋରଡା, ବରସାହି, ଭାଡିକିଲା, ଭଲିଆଡିହି, ରାବେରା, ଶରଧାପୁର, ଶିଖରପୁର, ସୁନାମୁହିଁ ଓ ହରିହରପୁର ପଞ୍ଚାୟତ ରହିଛି। ସେହିପରି ମହିଳା ସଂରକ୍ଷଣ ତାଲିକାରେ ଆଙ୍ଗିସିଙ୍ଗି, ପଖୋରୀ, ପାଣ୍ଡେରିପଡା, ବାଣ୍ଟପୁର, ରଙ୍ଗଣିପାଟଣା, ରବିଗାଡିଆ, ରୋହିବାଙ୍କ, ସାକେରୀ ଓ ସୋଲପଟା ପଞ୍ଚାୟତ ରଖାଯାଇଛି। ପଛୁଆ ବର୍ଗ ତାଲିକାରେ କୁରାଳ, କୋରପିଠା, ଗୋଲଗାଁ, ଗୋଡିସାହି ଏବଂ ପଛୁଆବର୍ଗ (ମହିଳା) ନିମନ୍ତେ ଗିରିଡିପଲ୍ଲୀ, ଗୋଡ଼ିପଲ୍ଲୀ, ଗୋଡିପଡା, ଗୌଡପୁଟ ଓ ଆରଡା ରହିଛି। ଅନୁସୂଚିତ ଜାତି ନିମନ୍ତେ ଶରଣକୁଳ ଓ ହରିଡା ବନ୍ଧ ପଞ୍ଚାୟତ ରହିଥିବା ବେଳେ ଅନୁସୂଚିତ ଜାତି (ମହିଳା) ପାଇଁ କଜଳାଇପଲ୍ଲୀ ଓ ପଞ୍ଚରିଡା ମାନପୁର ପଞ୍ଚାୟତ ରହିଛି। ଅନ୍ୟପକ୍ଷେ ଜନ ସୂଚିତ ଜନଜାତି(ମହିଳା) ସରପଞ୍ଚ ନିମନ୍ତେ କୋମଣ୍ଡ ଓ ମଗରବନ୍ଧ ପଞ୍ଚାୟତରେ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ସେହିପରି ସମସ୍ତ ୩୬ ପଞ୍ଚାୟତ ନିମନ୍ତେ ସମିତି ସଭ୍ୟ ସଂରକ୍ଷଣ ବ୍ୟବସ୍ଥା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ତଦନୁସାରେ ସମିତି ସଭ୍ୟ ନିମନ୍ତେ ଅସଂରକ୍ଷିତ ତାଲିକାରେ ଗିରିଡିପଲ୍ଲୀ, ପଞ୍ଚୁମୁ, ବରସାହି, ଭାଡିକିଲା, ଭାଲିଆଡିହି, ରବିଗାଡିଆ, ରାବେରା, ସୁନିମୁହିଁ, ସୋଲପଟା, ହରିହରପୁର ଓ ଗୋଡିସାହି ପଞ୍ଚାୟତକୁ ରଖାଯାଇଛି। ମହିଳାଙ୍କ ନିମନ୍ତେ ଆଙ୍ଗିସିଙ୍ଗି, କୁରାଳ, ଗୋଡିପଡା, ଡିମିସର, ନନ୍ଦିଘୋର, ରଙ୍ଗଣିପାଟଣା, ରରୋହିବାଙ୍କ, ଶରଧାପୁର ଓ ସାକେରୀ ସ୍ଥାନ ପାଇଛି। ପଛୁଆ ବର୍ଗ ନିମନ୍ତେ କୋରପିଠା, ଗୋଲଗାଁ, ପଖୋରୀ ଓ ବଡଗୋରଡା ଏବଂ ପଛୁଆ ବର୍ଗ(ମହିଳା)ଙ୍କ ନିମନ୍ତେ ଗୋଡିପଲ୍ଲୀ, ଗୌଡପୁଟ, ପାଣ୍ଡେରିପଡା, ବାଣ୍ଟପୁର ଓ ଆରଡା ପଞ୍ଚାୟତ ନିମନ୍ତେ ସଂରକ୍ଷଣ ରହିଛି। ସେହିପରି ଅନୁସୂଚିତ ଜାତିଙ୍କ ପାଇଁ ପଞ୍ଚରିଡା ମାନପୁର ଓ ଶରଣକୁଳ ରହିଥିବା ବେଳେ ଅନୁସୂଚିତ ଜାତି(ମହିଳା)ଙ୍କ ନିମନ୍ତେ କଜଳାଇପଲ୍ଲୀ,ମଗରବନ୍ଧ ଓ ହରିଡାବନ୍ଧ ରହିଛି। ସେହିପରି ଏକମାତ୍ର ଅନୁସୂଚିତ ଜନଜାତି (ମହିଳା) ସଂରକ୍ଷଣ ତାଲିକାରରେ କୋମଣ୍ଡ ପଞ୍ଚାୟତ ରହିଛି।

## ଉତ୍କଳମଣିଙ୍କ ଜୟନ୍ତୀ ପାଳିତ

ଖଣ୍ଡପଡ଼ା,୯।୧୦(ସ୍ୱ.ପ୍ର.)

ଖଣ୍ଡପଡ଼ାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ମିନି ଷ୍ଟାଡିୟମ ପରିସରରେ ଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ ମାଲ୍ୟାର୍ପଣ କରିଥିଲେ। ମୁଁ ବଘେଲ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବ୍ଲକ୍‌ର ବିଭିନ୍ନ ସ୍ଥାନରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଥିଲା।

# ରଣପୁର:୧୯ ସରପଞ୍ଚ ପଦ ମହିଳାଙ୍କ ପାଇଁ ସଂରକ୍ଷିତ

ରଣପୁର, ୯।୧୦(ସ୍ୱ.ପ୍ର.)

ଆଗାମୀ ଫେବୃୟାରୀରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସଂରକ୍ଷଣ ତାଲିକା ଶୁକ୍ରବାର ପ୍ରକାଶ ପାଇଛି। ନୟାଗଡ଼ ଜିଲାର ରଣପୁର ବ୍ଲକ ଅଧୀନ ସମସ୍ତ ୩୭ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ୱାର୍ଡ଼ ମେମ୍ବର ସହିତ ୪ଟି ଜୋନ୍‌ର ଜିଲା ପରିଷଦ ସଭ୍ୟ ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ଏକ ତାଲିକା ନୟାଗଡ଼ ଜିଲାପାଳ ପ୍ରକାଶ କରିଛନ୍ତି। ସରପଞ୍ଚ ପଦ ୫୦ ପ୍ରତିଶତ ମହିଳାଙ୍କ ପାଇଁ ସଂରକ୍ଷଣ କରାଯାଇଛି। ଏହି ତାଲିକା ପ୍ରକାଶ ପାଇବା ପରେ ବିଜେଡି, ଭାଜପା, କଂଗ୍ରେସର ବହୁ ଆଶାୟୀ ପ୍ରାର୍ଥିଙ୍କୁ ନିରାଶ ହେବାକୁ ପଡ଼ିଛି।

ପ୍ରକାଶିତ ତାଲିକା ଅନୁସାରେ ୪ଟି ଜୋନ୍ ଜିଲାପରିଷଦ ସଭ୍ୟ ହେଲା ଜୋନ୍ ନଂ – ୨୧ (ଦର୍ପ ନାରାୟଣପୁର) ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିଲାବେଳେ ଜୋନ ନଂ.– ୨୩ (ଗୋପାଳପୁର) ଅନୁସୂଚିତ ଜନଜାତି ମହିଳା ପାଇଁ ସଂରକ୍ଷିତ ରହିଛି। ଜୋନ୍ ନଂ. –୨୪ (ତାଣ୍ଡପୁର) ମହିଳାଙ୍କ ପାଇଁ ଏବଂ ଜୋନ୍ ନଂ.– ୨୨ ରାଜ ସୁନାଖଳା ସଂରକ୍ଷିତ ରହିଛି। ସେହିପରି ସରପଞ୍ଚ ସମିତି ସଭ୍ୟ ପାଇଁ କନ୍ଧ ନୟାଗଡ଼ ପଞ୍ଚାୟତ ମହିଳା,କାସନ୍ଦା ପଛୁଆବର୍ଗ ମହିଳା, କେରଣ୍ଡାଟାଙ୍ଗି ଅନୁସୂଚିତ ଜନଜାତି ମହିଳା, ଗଡ଼ବାଣିକିଲୋ ପଛୁଆବର୍ଗ ମହିଳା, ହଡିଆ ଅନୁସୂଚିତ ଜନଜାତି ମହିଳା, ଗୋପାଳପୁର ପଛୁଆବର୍ଗ ମହିଳା, ଚମ୍ପାପେଡ଼ି ପଛୁଆବର୍ଗ ମହିଳା, ଚାନ୍ଦପୁର ପଛୁଆବର୍ଗ ମହିଳା, ଡମସାହି ମହିଳା, ଦର୍ପନାରାୟଣପୁର ମହିଳା, ନରସିଂହପୁର ମହିଳା, ପଟିଆ ମହିଳା, ବନ୍ଧମୁଣ୍ଡା ମହିଳା, ବାଉଁଶଗଡ଼ ମହିଳା, ବ୍ରଜରାଜପୁର ମହିଳା, ରଙ୍କ ଦେଉଳି ମହିଳା, ରାଇପଡ଼ା ଅନୁସୂଚିତ ଜାତି ମହିଳା, ସୁରୁକାବାଡ଼ି ମହିଳା, ଲୋଦାଚୁଆ ମହିଳା, କାଣ୍ଡପଡ଼ା ସଂରକ୍ଷିତ, କୁଆସର ସଂରକ୍ଷିତ, ଖଇରପଲ୍ଲୀ ପଛୁଆବର୍ଗ, ଗୌରାଙ୍ଗପୁର ପଛୁଆବର୍ଗ, ଚମ୍ପାଗଡ଼ ପଛୁଆବର୍ଗ, ଜଙ୍କିଆ ପଛୁଆବର୍ଗ, ଝାଡ଼ପଡ଼ା ସଂରକ୍ଷିତ, ତାଳକଣି ଅନୁସୂଚିତ ଜାତୀ, ନରେନ୍ଦ୍ରପୁର ଅସଂରକ୍ଷିତ, ପିମ୍ପଲ ଅସଂରକ୍ଷିତ, ବଜ୍ରକୋର୍ଟ ଅସଂରକ୍ଷିତ, ବଳଭଦ୍ରପୁର ଅସଂରକ୍ଷିତ, ବୃନ୍ଦାବନପୁର ଅସଂରକ୍ଷିତ, ମଝିଆଖଣ୍ଡ ଅସଂରକ୍ଷିତ, ମହତପଲ୍ଲା ଅସଂରକ୍ଷିତ, ମହୁରଝଲିଆ ଅସଂରକ୍ଷିତ, ରାଜସୁନାଖଳା ଅସଂରକ୍ଷିତ ଏବଂ ହଂସରା ଅନୁସୂଚିତ ଜନଜାତିଙ୍କ ପାଇଁ ରହିଛି ବୋଲି ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

# ଫଳକରେ ସୀମିତ ଗାଁ କଲ୍ୟାଣ ସମିତି

- ଦୁର୍ଗନ୍ଧରେ ଫାଟି ପଡୁଛି ଗାଁ ରାସ୍ତା
- ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ
- ଅସନ୍ତୋଷ ପ୍ରକାଶ କଲେ ସ୍ୱାସ୍ଥ୍ୟ ଅଧିକାରୀ

ନୂଆଗାଁ,୯।୧୦ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଫେଲ୍ ମାରିଛି ଗାଁ କଲ୍ୟାଣ ସମିତି। କେବଳ ଗାଁର ସ୍ୱାସ୍ଥ୍ୟ କାନ୍ଥ ଓ ବିଭିନ୍ନ ଫଳକରେ ସୀମିତ ରହିଛି ଗାଁ କଲ୍ୟାଣ ସମିତି କାର୍ଯ୍ୟକ୍ରମ। ଲୋକମାନେ ଦୁର୍ଗନ୍ଧ ଓ ପ୍ରଦୂଷଣ ସମସ୍ୟା ଯୋଗୁ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି। ହେଲେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି।

ପ୍ରତି ଗାଁକୁ ପରିଷ୍କାର, ସୁନ୍ଦର ରଖିବା ସହିତ ଲୋକମାନଙ୍କୁ ସ୍ୱାସ୍ଥ୍ୟକର ପରିବେଶ ପ୍ରଦାନ ପାଇଁ ଗାଁ କଲ୍ୟାଣ ସମିତି ମାଧ୍ୟମରେ ଟଙ୍କା ଖର୍ଚ୍ଚ କରାଯାଉଛି। ସେହି ଅର୍ଥରେ ଗାଁର ଜନସାଧାରଣ ବ୍ୟବହାର କରୁଥିବା ସ୍ଥାନକୁ ପରିଷ୍କାର ରଖିବା, ଗାଁ ଦାଣ୍ଡକୁ ଆବର୍ଜନା ମୁକ୍ତ କରିବା, କୂଅ, ନଳକୂଅ ପାଖରେ ପାଣି ନ ଜମିବାର ବ୍ୟବସ୍ଥା ରହିଛି। କିନ୍ତୁ କାପ୍ତାପଲ୍ଲୀ , ପାରାଢିପି ଓ ଜାକେଡା ପଞ୍ଚାୟତର ଆଦିବାସୀ ବହୁ ଗ୍ରାମରେ ଏହି ଯୋଜନା ସମ୍ପୂର୍ଣ୍ଣ ବାଟବଣା ହେଉଛି। କେତେକ ପଞ୍ଚାୟତରେ ଅଳ୍ପ କିଛି କାମ କରାଯାଇ କାଗଜ କଲମରେ ସରକାରୀ ଅନୁଦାନକୁ ଆତ୍ମସାତ୍ କରାଯାଉଥିବା ଅଭିଯୋଗ ହେଉଛି। କାପ୍ତାପଲି ପଞ୍ଚାୟତର ପୋବଲା, ଫାମ୍ପୁଣି, ତୋଡିଗାଡିଆ, କେରସିଙ୍ଗ, ବାମୁରୀ, ଭଣ୍ଡାରିବାରୀ, ଡେଙ୍ଗାବାରୀ, ଘୋଡକବାରୀ, ଜାକେଡା ପଞ୍ଚାୟତର କନ୍ଧଖାଲମଡ଼ା, ଶିମିଳି ସାହି, ବାଡିବାରି, ମଣ୍ଡାଡିହ, କୁଶିବିଡା, ଡିମିରିଆ, ଛଣବଣିଆ ସମେତ ପାରାଢିପି ପଞ୍ଚାୟତର ପୋକସୁଙ୍ଗା, ଗୋହିରିବାଦୁ, ଚଢ଼କମରା, ଗୁଣ୍ଡୁରାସାହି ଆଦି ଗ୍ରାମରେ ଗାଁ କଲ୍ୟାଣ ସମିତିର କୌଣସି କାର୍ଯ୍ୟକ୍ରମ ହେଉ ନ ଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଗାଁ ରାସ୍ତା, କୂଅ, ନଳକୂଅ ପାର୍ଶ୍ୱରେ ଆବର୍ଜନା ଜମା ହୋଇ ରହିଛି। ଡ୍ରେନ ବି ଆବର୍ଜନା ଓ ପଙ୍କରେ ଭର୍ତ୍ତି ହୋଇ ରହିଛି। ରାସ୍ତାରେ ଗୋବର ଓ କାଦୁଅ ପଚପଚ ଯୋଗୁ ଲୋକମାନେ ଘରୁ ପଦାକୁ ବାହାରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଅଧିକାଂଶ ଗାଁରେ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ଗାଁ ଦାଣ୍ଡରେ ଆବର୍ଜନା ପାଣି ଜମି ରହୁଛି। ସେହି ପାଣିରେ ଅଳିଆ, ଆବର୍ଜନା କିଛି ଦିନ ଜମା ହୋଇ ରହିବା ଫଳରେ ଦୁର୍ଗନ୍ଧରେ ନାକ ଫାଟି ପଡୁଛି।

ଗାଁକୁ ସଫାସୁତୁରା ରଖିବାକୁ ଗାଁ କଲ୍ୟାଣ ସମିତି ମାଧ୍ୟମରେ ଟଙ୍କା ଆସୁଥିଲେ ମଧ୍ୟ ତାହା କେଉଁ ବାବଦରେ ଖର୍ଚ୍ଚ ହେଉଛି ତାହାର ହିସାବ ନାହିଁ। ଲୋକମାନେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ଆଶାକର୍ମୀ କିମ୍ବା ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା କାପ୍ତାପଲ୍ଲୀ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରତି ୱାର୍ଡରେ ୱାର୍ଡ଼ ମେମ୍ବର, ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନାୱାଡ଼ି କର୍ମୀ, ଗାଁ ସାଥୀମାନଙ୍କୁ ନେଇ ବୈଠକ ବସି ଆଲୋଚନା କରାଇବାର ବ୍ୟବସ୍ଥା ଥିଲେ ମଧ୍ୟ କେବଳ କାଗଜ କଲମରେ ତାହା ଚାଲିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଦେବୀ ପ୍ରସାଦ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ମୁଁ ମଧ୍ୟ ଗାଁ କଲ୍ୟାଣ ସମିତି କାର୍ଯ୍ୟକଳାପରେ ସନ୍ତୁଷ୍ଟ ନୁହଁ। ଏଥିପାଇଁ ଅନେକ ଥର ତାଗିଦ୍ କରିଛି। ପୁନର୍ବାର ତାଗିଦ୍ କରିବି ବୋଲି କହିଛନ୍ତି।



ଡ୍ରେନ ନାହିଁ, ରାସ୍ତା ଉପରେ ଆବର୍ଜନା ପାଣିର ସୁଅ।